# ନଗଡ଼ା ପାର୍ଶ୍ୱ ଗ୍ରାମରେ ଅତିଶୟ ଅପପୁଷ୍ଟି

## ୧୦ ଶିଶୁ ଆକ୍ରାନ୍ତ, ପାହାଡ଼ ଶିଖର ଗାଁରେ ସ୍ୱାସ୍ଥ୍ୟସେବା ଅପହଞ୍ଚ

ଯାଜପୁର,୧୯।୮
(ହର୍ଷବର୍ଦ୍ଧନ ବେହେରା)


ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ନଗଡ଼ା ପାର୍ଶ୍ୱ ତଳଡ଼ିହ ଗ୍ରାମର ପିଲାମାନେ।

ଯାଜପୁର ଜିଲା ଖଣି ଓ ଶିଳ୍ପସମୃଦ୍ଧ ହୋଇଥିଲେ ମଧ୍ୟ ଭୋକର ଭୂଗୋଳ ତାଲିକାରୁ ହଟିପାରୁନାହିଁ। ସୁକିନ୍ଦା ବ୍ଲକର ନଗଡ଼ାରେ ପୁଷ୍ଟିହୀନତାରେ ଶିକାର ହୋଇ ଶିଶୁମାନଙ୍କ ମୃତ୍ୟୁ ହେବା ଘଟଣା ଦେଶ ବିଦେଶରେ ଚର୍ଚ୍ଚା ହୋଇଥିଲା। ଏହି ଘଟଣାର ୮ ବର୍ଷ ପରେ ମଧ୍ୟ ନଗଡ଼ା ଅଞ୍ଚଳରୁ ହଟିପାରିନି ପୁଷ୍ଟିହୀନତା। ନଗଡ଼ା ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଶିଶୁମାନେ ଅପପୁଷ୍ଟିର ଶିକାର ହୋଇଛନ୍ତି। ସାତକୁଳିଆ ପାହାଡ଼ର ନଗଡ଼ା ବାମ ପାର୍ଶ୍ୱ ତୁମୁଣି ଗ୍ରାମରେ ୨ ଜଣ ଅତିଶୟ ଅପପୁଷ୍ଟି ଓ ୪ ଜଣ ମଧ୍ୟମଧରଣର ଅପପୁଷ୍ଟି ଶିଶୁ ରହିଛନ୍ତି। ସେହିପରି ନଗଡ଼ା ଡାହାଣ ପାର୍ଶ୍ୱ ତଳଡ଼ିହ ଗ୍ରାମରେ ୪ଜଣ ଅତିଶୟ ଅପପୁଷ୍ଟି ଶିଶୁ ରହିଛନ୍ତି। ଏହି ଦୁଇ ଗ୍ରାମକୁ ଏଯାଏ ରାସ୍ତା ସଂଯୋଗ ହୋଇନାହିଁ। ଫଳରେ ପୁଷ୍ଟିକର ଖାଦ୍ୟ ଓ ଉପଯୁକ୍ତ ଚିକିତ୍ସା ଅଭାବରୁ ଅପପୁଷ୍ଟିରେ ଆକ୍ରାନ୍ତ ଶିଶୁଙ୍କ ଜୀବନ ବିପଦରେ ପଡ଼ିଛି। ଗୋଟିଏପଟେ ଯାଜପୁର ଜିଲାର କଳିଙ୍ଗନଗର, ସୁକିନ୍ଦା, ଦାନଗଦି, ଧର୍ମଶାଳା ଆଦି ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଶିଳ୍ପ ଗଢ଼ିଉଠିଛି। ମୂଲ୍ୟବାନ୍ ଖଣିଜ ପଦାର୍ଥ ଉତ୍ତୋଳନ ପାଇଁ ଅନେକ ଖଣି ଖାଦାନ ରହିଛି। ଅନ୍ୟପଟେ ଜିଲାର ଆଭ୍ୟନ୍ତର, ବିଶେଷକରି ଆଦିବାସୀ ଓ ଦଳିତ ବହୁଳ ବସତିକୁ ଅତିଶୟ ଦାରିଦ୍ର୍ୟ ଗ୍ରାସି ରଖିଛି। ଦୀର୍ଘଦିନର ସରକାରୀ ଅବହେଳାର ଚିତ୍ର ସେଠାରେ ସ୍ପଷ୍ଟ ଦେଖିବାକୁ ମିଳୁଛି। ଏଠାକାର ଜଙ୍ଗଲ, ଜମି, ଜଳକୁ ବ୍ୟବହାର କରି କମ୍ପାନୀଗୁଡ଼ିକ ବହୁ ହଜାର କୋଟି ଲାଭ ପାଉଥିବାବେଳେ ସେମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ପ୍ରଦୂଷଣର ଜ୍ୱାଳାକୁ ସ୍ଥାନୀୟ ବାସିନ୍ଦା ଭୋଗିବା ସହ ଭୋକ ଓ ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି।

ଶିଶୁମୃତ୍ୟୁ ଘଟଣା ପରେ ନଗଡ଼ା ରାଜସ୍ୱ ମୌଜାର ସାମଗ୍ରିକ ବିକାଶ ନିମନ୍ତେ ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚ କରି ପାହାଡ ଚିରି ରାସ୍ତା ନିର୍ମାଣ ହୋଇଛି। ଏହାପରେ ସେଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟ ଜଳ, ସାଧାରଣ ବଣ୍ଟନ ଆଦି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ନଗଡାଠାରୁ ୨.୭୦୦ କିମି ଦୂର ବାମପାର୍ଶ୍ୱରେ ଥିବା ତୁମୁଣି ଗ୍ରାମକୁ ଏଯାଏ ରାସ୍ତା ନିର୍ମାଣ ହୋଇପାରିନାହିଁ। ତୁମୁଣି ଗାଁଟି ପାହାଡ଼ ଶିଖରର ସମତଳ ଭୂମିରେ ରହିଛି। ପାହାଡ଼ ଉପରେ ନିଜ ପରିବାର ଚଳାଇବା ପାଇଁ ଗ୍ରାମବାସୀ ଜଙ୍ଗଲରୁ ଫଳମୂଳ, ମହୁ ସଂଗ୍ରହ କରି ସାପ୍ତାହିକ ହାଟରେ ବିକ୍ରିକରି କିରୋସିନ ଓ ଲୁଣ କିଣି ନିଅନ୍ତି। ରାଶନ ନେବାକୁ ଚିଙ୍ଗୁଡ଼ିପାଳ କିମ୍ବା ନାଲିଆଡ଼ାବାକୁ ଆସିବାକୁ ପଡ଼େ। ଏହି ଗ୍ରାମବାସୀଙ୍କ ପାଇଁ ସରକାରଙ୍କ ପ୍ରାୟ ସମସ୍ତ ଯୋଜନା ଅପହଞ୍ଚ ହୋଇପଡ଼ିଛି। ଏବେ ବି ଗର୍ଭବତୀ ମାତୃ ମୃତ୍ୟୁହାର ଓ ଶିଶୁ ଅପପୁଷ୍ଟିରେ ଲଗାମ ଲାଗି ପାରିନାହିଁ। ସ୍ୱାସ୍ଥ୍ୟକର୍ମୀମାନେ ପକ୍କା ରାସ୍ତାରେ ଯାଇ ନଗଡାବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବାବେଳେ ତୁମୁଣି ଗାଁକୁ ପହଞ୍ଚିବାକୁ କଷ୍ଟକର ହେଉଛି। ପାହାଡ଼ କଡ଼ରେ ବଡ଼ ବଡ଼ ପଥର ଉପରେ ପାଦଚଲା ରାସ୍ତା ରହିଛି। ତେଣୁ ସରକାରୀ କର୍ମଚାରୀମାନେ ସେଠାକୁ ଯିବାକୁ ଅମଙ୍ଗ ହେଉଛନ୍ତି। ତୁମୁଣି ଗାଁ ଲୋକମାନେ ଲୁଣ ଟିକେ କିଣିବାକୁ ହେଲେ ଗୋଟିଏ ଦିନରେ ଘରକୁ ଫେରିପାରନ୍ତି ନାହିଁ। ପାହାଡ଼ ରାସ୍ତା ଦେଇ ଯିବା ସମୟରେ ବନ୍ୟଜନ୍ତୁ ଆକ୍ରମଣ ଭୟ ରହିଥାଏ। କେତେଜଣ ଭାଲୁ ଆକ୍ରମଣରେ ଜୀବନ ହରାଇଥିବା ଉଦାହରଣ ରହିଛି। ପ୍ରାୟ ୨୫ ପରିବାର ବସବାସ କରୁଥିବା ତୁମୁଣି ଗ୍ରାମରେ ବିଦ୍ୟୁତ୍ ଆଲୁଅ ଦିବାସ୍ୱପ୍ନ ହୋଇଛି। ୨୦୧୭ରେ ଏଠାରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ହୋଇଥିଲା। ହେଲେ ତାହା ପ୍ରାୟ ଅକାମୀ ହୋଇ ରହିଛି। ଅନୁରୂପ ପରିସ୍ଥିତି ଦେଖାଦେଇଛି ନଗଡା ଡାହାଣ ପାର୍ଶ୍ୱ ୩ କିମି ଦୂର ତଳଡ଼ିହ ଗ୍ରାମରେ। ଏଠାରେ ପ୍ରାୟ ୧୦ ପରିବାର ବସବାସ କରୁଥିବାବେଳେ ତୁମୁଣି ଭଳି ଏଠାରେ ମଧ୍ୟ ସରକାରୀ ଅବହେଳା ଜଳଜଳ ହୋଇ ଦିଶୁଛି। ସରକାରଙ୍କ ବହୁସୂତ୍ରୀ କାର୍ଯ୍ୟକ୍ରମ ଏଠାରେ କାଗଜକଲମରେ ସୀମିତ ରହିଛି।

ଅତିଶୟ ଅପପୁଷ୍ଟି ଶିଶୁଙ୍କୁ ତୁରନ୍ତ ପୁଷ୍ଟି ସାଧନ କେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ତେବେ ତୁମୁଣି ଓ ତଳଡିହ ଗ୍ରାମରେ ଅପପୁଷ୍ଟି ଶିଶୁ ରହିଥିବା ପ୍ରଶାସନ ନିକଟରେ ଖବର ରହିଥିଲେ ବି ସେମାନଙ୍କୁ ଅଣଦେଖା କରାଯିବା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠୁଛି। ଏ ସଂକ୍ରାନ୍ତରେ ଯାଜପୁର ସିଡିଏମ୍ଓ ଶିବାଶିଷ ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରତି ଗୁରୁବାର ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ୪ ଜଣିଆ ଦଳ ତୁମୁଣି, ତଳଡ଼ିହ, ନଗଡ଼ା ପ୍ରଭୃତି ଅଞ୍ଚଳକୁ ଗସ୍ତରେ ଯାଉଛି। ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଉପଯୁକ୍ତ ଚିକିତ୍ସା କରାଯାଉଛି। ଆସନ୍ତା ଗୁରୁବାର ମଧ୍ୟ ସେହି ଅଞ୍ଚଳକୁ ଯାଇ ଆବଶ୍ୟକ ନିରୀକ୍ଷଣ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ।

# ଜଗା ହାତରେ ରାଖୀ ବାନ୍ଧିଲା ଭଉଣୀ


ଜଗାକୁ ଭଉଣୀ ରାଖୀ ବାନ୍ଧୁଛି।

ଫୁଲବାଣୀ,୧୯।୮
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଯୋଡ଼ାମୁଣ୍ଡ ଅଲଗା ଶିଶୁ ଜଗାର ଚିକିତ୍ସା ଚାଲିଛି। ସୋମବାର ମେଡିକାଲରେ ଜଗା ରକ୍ଷା ବନ୍ଧନ ଉତ୍ସବ ପାଳିଛି। ନିଜ ସାନ ଭଉଣୀ ସୁଭଦ୍ରାର କୁନି ହାତରୁ ରାଖୀ ବାନ୍ଧି ଜଗା ବହୁତ ଖୁସି ହୋଇଛି। ସେହିପରି ଜଗାର ଅନ୍ୟ ସମ୍ପର୍କୀୟ ଭଉଣୀ ମଧ୍ୟ ଜଗା ହାତରେ ରାଖୀ ବାନ୍ଧି ମିଠା ଖୁଆଇଥିଲେ। ଜଗା ଭଉଣୀମାନଙ୍କ ଗହଣରେ ରହି ଏହି ଉତ୍ସବକୁ ଖୁବ୍ ମନଭରି ଉପଭୋଗ କରିଥିଲା।

ସୂଚନାଯୋଗ୍ୟ, ଦିଲ୍ଲୀ ଏମ୍ସରେ ଯୋଡ଼ାମୁଣ୍ଡ ଅଲଗା ହେବା ପରେ ଉଭୟ ଜଗା ଏବଂ କାଳିଆ ସୁସ୍ଥ ଥିଲେ। ହେଲେ କିଛିଦିନ ମଧ୍ୟରେ କାଳିଆର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହୋଇଥିଲା। କଟକରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଜଗା ମନ ଦୁଃଖରେ ଥିଲାବେଳେ ତାଙ୍କ ସାନ ଭଉଣୀ ସୁଭଦ୍ରା ଫୁଲବାଣୀ ମେଡିକାଲରେ ଜନ୍ମ ହୋଇଥିଲା। ସେବେଠାରୁ ଜଗା ଭଉଣୀ ସହ ମିଶି ଏଠାରେ ରହୁଛି।

# ଡବ୍ଲ୍ୟୁଏସ୍‌ସି: 'ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ'ର ୮୧ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୧୯।୮
(ଅସମାପିକା ସାହୁ)

ବିଶ୍ୱ ଦକ୍ଷତା କେନ୍ଦ୍ର(ଡବ୍ଲ୍ୟୁଏସ୍‌ସି)ର 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ବିଭାଗ ଅଧୀନରେ ଥିବା ଅତ୍ୟାଧୁନିକ 'ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ' (ଲିଫ୍ଟ ଓ ଏସ୍କାଲେଟର ଟେକ୍ନୋଲୋଜି) ପାଠ୍ୟକ୍ରମରେ ଶତପ୍ରତିଶତ ନିଯୁକ୍ତି ସଫଳତା ମିଳିଛି। ୨୦୨୩-୨୪ ପ୍ରଥମ ବ୍ୟାଚ୍‌ରେ ତାଲିମ ନେଉଥିବା ୮୧ଜଣ ଛାତ୍ରୀଛାତ୍ର ବିଶ୍ୱର ପ୍ରମୁଖ ଲିଫ୍ଟ ସେବା ପ୍ରଦାନକାରୀ ସଂସ୍ଥା ସିଣ୍ଡଲର ଓ ଜନ୍‌ସନ୍ ଲିଫ୍ଟରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ନିଯୁକ୍ତି ସୁଯୋଗ ପାଇଥିବା ୮୧ ଜଣଙ୍କ ଭିତରେ ୧୫ ଝିଅ ଏବଂ ୬୬ ଜଣ ପୁଅ ଅଛନ୍ତି। ଅନ୍ତର୍ଜାତୀୟସ୍ତରର କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଥିବାରୁ ସେମାନେ ରାଜ୍ୟ ସରକାର ଓ ବିଶ୍ୱ ଦକ୍ଷତା କେନ୍ଦ୍ରକୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ତଥା ଡବ୍ଲ୍ୟୁଏସ୍‌ସିର ସିଇଓ ରଶ୍ମିତା ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି।

ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ସମୟରେ ବଡ଼ ବଡ଼ ସହରରେ ଥିବା ଆଧୁନିକ ବିମାନବନ୍ଦର, ରେଳ ଷ୍ଟେଶନ, ମଲ୍ ଓ ଆପାର୍ଟମେଣ୍ଟରେ ଲିଫ୍ଟ, ଏସ୍କାଲେଟର ଓ ଟ୍ରାଭେଲେଟର ଆଦିର ବହୁଳ ବ୍ୟବହାର କରାଯାଉଛି। ଏହି ଆଧୁନିକ ଯନ୍ତ୍ରାଂଶର ସ୍ଥାପନା, ପରିଚାଳନା ଓ ମରାମତି ପାଇଁ ଦକ୍ଷ ମାନବ ସମ୍ବଳର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୩-୨୪ ଶିକ୍ଷାବର୍ଷର ସେପ୍ଟେମ୍ବର ସେସନରୁ 'ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ' ପାଠ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ୧ବର୍ଷିଆ ଆଡ୍‌ଭାନ୍ସଡ ଡିପ୍ଲୋମା ତାଲିମ ପାଠ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଗାଁ ଓ ସହରରୁ ଯୁବପିଢ଼ି ତାଲିମ ନେଉଛନ୍ତି। ଛାତ୍ରୀଛାତ୍ରଙ୍କୁ ତାଲିମ ଦେବା ପାଇଁ ଅତ୍ୟାଧୁନିକ ଲ୍ୟାବ ପ୍ରତିଷ୍ଠା କରାଯାଇଛି। ଶିଳ୍ପ ତାଲିମ ଓ ବୈଷୟିକ ଶିକ୍ଷାନୁଷ୍ଠାନରୁ ୨ବର୍ଷିଆ ଆଇଟିଆଇ କିମ୍ବା ୩ବର୍ଷିଆ ପଲିଟେକ୍‌ନିକ କରିଥିବା ଛାତ୍ରୀଛାତ୍ର ଏଥିରେ ଆବେଦନ କରିପାରିବେ।

# ବଜ୍ରପାତରେ ମହିଳାଙ୍କ ସମେତ ୨ମୃତ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଖଇରା(ଉତ୍କଳବନ୍ଧୁ ପଣ୍ଡା), ୧୯।୮

ମୟୂରଭଞ୍ଜ ଜିଲା ଓ ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ସୋମବାର ବଜ୍ରପାତ ହୋଇ ଜଣେ ମହିଳାଙ୍କ ସମେତ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାରିପଦା ତୁଳସୀ ଚଉରା ଅଞ୍ଚଳର ସମ୍ବାରୀ ସିଂ(୫୭), ମୟୂରଭଞ୍ଜ ଜିଲା ଡାହିସାହି ଗ୍ରାମର ଡୁରେକ ଜାରିକା।

ବଡ଼ସାହି ଥାନା ଅଧୀନ ଗୁଡିଆଲବନ୍ଧ ଗ୍ରାମସ୍ଥିତ ବାପଘରକୁ ସମ୍ବାରୀ ଚାଷ କାମ କରିବା ପାଇଁ ଆସିଥିଲେ। ବିଲରେ କାମ କରୁଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ବାରିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ସେହିପରି ବାଲେଶ୍ୱର ଜିଲା ଖଇରା ଥାନା ସାଇଁ ଗ୍ରାମ ନିକଟରେ ଡୁରେକ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ୩ଜଣ ଆହତ ହୋଇଛନ୍ତି। ଆମ୍ବୁଲାନ୍ସ ଯୋଗେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।




# ୨୧ରେ ଭାରତ ବନ୍ଦକୁ ସମର୍ଥନ କରିବାକୁ ଏସ୍‌ସି, ଏସ୍‌ଟି କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ

ମାଲକାନଗିରି,୧୯।୮
(ଦୁର୍ଯ୍ୟୋଧନ ପାତ୍ର)

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଭାଗୀଦାରି ଆରକ୍ଷଣକୁ ଶେଷ କରିବା ଉଦ୍ଦେଶ୍ୟରେ ଯେଉଁ ରାୟ ପ୍ରକାଶ କରିଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହାକୁ ବିରୋଧକରି ମାଲକାନଗିରି ଜିଲା ଅନୁସୂଚିତ ଜାତି ଓ ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଆସନ୍ତା ୨୧ ତାରିଖ ଭାରତ ବନ୍ଦକୁ ସଫଳ କରିବା ପାଇଁ ଡାକରା ଦିଆଯାଇଛି। ଜରୁରିକାଳୀନ ସେବାକୁ ବାଦ୍‌ଦେଇ ସମସ୍ତ ଦୋକାନ ବଜାର, ଯାନବାହନ ସକାଳ ୬ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ବନ୍ଦକରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସୋମବାର କମିଟି ସଭାପତି ଜାରାଶବର ମାଡ଼ିଙ୍କ ସଭାପତିତ୍ୱରେ ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଉପଦେଷ୍ଟା ପ୍ରଭାକର ହନ୍ତାଳ, ସାଧାରଣ ସମ୍ପାଦକ ହରିବନ୍ଧୁ ଗଲରି, କାର୍ଯ୍ୟକାରୀ ସଭାପତି ସନୁ ଅନୁଗୁ, ଉପଦେଷ୍ଟା ଘେନୁ ମୁଦୁଲି, ଘନଶ୍ୟାମ ମାଡକାମି, ଲଳିତ ମାଡକାମି, ଲକ୍ଷ୍ମଣ ଘରାମୀ, ଡମ୍ବରୁ ବାଘ, କୁମାର ଜାଲିଆ ଓ ସନାତନ କବାସୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ିଗଲେ ୨ ଶିଶୁ

ନୂଆପଡ଼ା,୧୯।୮
(ମକାରୁ ବେମାଲ)

ନୂଆପଡ଼ା ଜିଲା ସଦର ବ୍ଲକ ଜୋଙ୍କ ଥାନା ବୋଇରଭାଡି ପଞ୍ଚାୟତ ସରାଇପାଲି ଗାଁରେ ସୋମବାର ପୋଖରୀରେ ଗାଧୋଇବା ବେଳେ ପାଣିରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବୋଇରଭାଡି ପଞ୍ଚାୟତ ସରାଇପାଲି ଗାଁର ଜନଉ ବରିହାଙ୍କ ପୁଅ ହେମରାଜ ବରିହା (୪) ଓ ବେଦରାମ ବରିହାଙ୍କ ପୁଅ ଶଙ୍କର ବରିହା (୪)। ପ୍ରାପ୍ତ ସୂଚନା ମୁତାବକ ପୂର୍ବାହ୍ନ ୧୧ଟା ସମୟରେ ହେମରାଜ ଓ ଶଙ୍କରଙ୍କ ସହ ଟିକୁ ବରିହା (୪) ସାଙ୍ଗ ହୋଇ ଘର ନିକଟ ବର୍ଲିବନ୍ଧ (ପୋଖରୀ)କୁ ଗାଧୋଇବା ପାଇଁ ଯାଇଥିଲେ। ହେମରାଜ ଓ ଶଙ୍କର ଗଭୀର ପାଣିରେ ବୁଡିଯାଇଥିବାବେଳେ ଟିକୁ ଗାଧୋଇ ବାହାରି ଆସିଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ଦୁଇ ଶିଶୁଙ୍କୁ ଉଦ୍ଧାର କରି ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଜୋଙ୍କ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଜୋଙ୍କ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି।

# ଦୁର୍ଘଟଣା ନେଲା ୨ ଯୁବକଙ୍କ ଜୀବନ

ମୋରଡ଼ା, ୧୯।୮(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିତ୍ରଡ଼ା ଫାଣ୍ଡି ଅଧୀନ ଆଣ୍ଟୁଆ ଗ୍ରାମର ସୁନ୍ଦର ମୁର୍ମୁ(୨୪) ଏବଂ ଉଲିଡିହି ଗ୍ରାମର ଶ୍ୟାମ ମାର୍ଣ୍ଡି(୨୦)। ରବିବାର ବିଳମ୍ବିତ ରାତିରେ ଉଭୟ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଚିତ୍ରଡ଼ା-ଦାନ୍ତିଆମୁହାଁ ମୁଖ୍ୟ ରାସ୍ତାର ପାରିଆଉଡ଼ା ହାତୀ ଗୋଳାପୋଲ ବାଙ୍କ ନିକଟରେ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ। ସେମାନଙ୍କ ବାଇକ୍ ଏକ ଖଜୁରୀ ଗଛରେ ପିଟି ହେବାରୁ ଉଭୟ ରାସ୍ତା ପାର୍ଶ୍ୱ ବିଲ ପାଣିକୁ ଛିଟିକି ପଡ଼ିଥିଲେ। ଉକ୍ତ ସ୍ଥାନଟି ନିଛାଟିଆ ହୋଇଥିବାରୁ କାହାରି ନଜର ପଡ଼ି ନ ଥିଲା। ସୋମବାର ସକାଳେ ସେମାନେ ପାଣିରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଚିତ୍ରଡ଼ା ଫାଣ୍ଡି ଓ ମୋରଡ଼ା ଥାନା ପୋଲିସ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୋରଡ଼ା ଥାନାରେ ଏକ ମାମଲା (ନଂ.୨୨୧/୨୪) ରୁଜୁ ହୋଇଛି।

# ରୋଗୀସେବା ଆଳରେ ହରିଲୁଟ୍

ହାଟଡିହୀ,୧୯।୮
(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲାରେ ରୋଗୀସେବା ଆଳରେ ୨୦ କୋଟି ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। କୋଭିଡ୍ ମହାମାରୀ ସମୟରେ ଏପରି ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ଦାବି କରି ହାଟଡିହୀ ଅଞ୍ଚଳର ଜଣେ ସୂଚନା ଅଧିକାର କର୍ମୀ ଏ ବାବଦରେ ଓଡ଼ିଶା ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀ, ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ, ଭିଜିଲାନ୍ସ, କେନ୍ଦୁଝର ଜିଲାପାଳ ଏବଂ ଏସ୍‌ପି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ଆଧାରରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ କେନ୍ଦୁଝର ଜିଲାପାଳଙ୍କ ସହ ପ୍ଲାନିଂ ଆଣ୍ଡ କନ୍‌ଭରଜେନ୍ସ ବିଭାଗକୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ଭିଜିଲାନ୍ସ ବିଭାଗ ତରଫରୁ କନ୍‌ଫିଡେନସିଆଲ ଭାବେ ଘଟଣାର ଭେରିଫିକେଶନ/ତଦନ୍ତ ଚାଲିଥିବା ଚିଠି (ନଂ. ୧୪୧୭୫/ ୭.୮.୨୦୨୪) ମାଧ୍ୟମରେ ସୂଚନା ଦିଆଯାଇଛି। କେନ୍ଦୁଝର ଏସ୍‌ପିଙ୍କ କାର୍ଯ୍ୟାଳୟ ତରଫରୁ ମଧ୍ୟ ଟାଉନ ଥାନାକୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଜାରି ହୋଇଛି।

ସୂଚନା ଅନୁଯାୟୀ, ଜିଲା ପ୍ରଶାସନକୁ କୋଭିଡ୍ ମୁକାବିଲା ପାଇଁ ୨୨ ସେପ୍ଟେମ୍ବର ୨୦୨୦ରେ ପିଏମ୍ କେୟାର୍ସରୁ ୧ କୋଟି, ସିଏମ୍‌ଆରଏଫ୍‌ରୁ ୨୪ ମାର୍ଚ୍ଚ ୨୦୨୦ରେ ୨ କୋଟି ଏବଂ ୨୦ ଜାନୁଆରୀ ୨୦୨୧ରେ ୩ କୋଟି, ଏସ୍‌ଡିଆରଏଫରୁ ୬ କୋଟି ୫୦ ଲକ୍ଷ, ଜିଆରଇନ କାଇଣ୍ଡରୁ ୭ କୋଟି ୨୩ ଲକ୍ଷ ୬ ହଜାର ୨୦ ଟଙ୍କା ମିଳିଥିଲା। ସେହିପରି କେନ୍ଦୁଝର ଡିଏମ୍‌ଏଫ୍ ଫଣ୍ଡରୁ ଜିଲାର ବିଭିନ୍ନ ବିଭାଗକୁ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ ସହ ଖର୍ଚ୍ଚ ହୋଇଛି। କେନ୍ଦୁଝର ଆର୍‌ଟିଓକୁ ଜିଲା ପ୍ରଶାସନ ତରଫରୁ ଚିଠି (ନଂ ୧୯୯୬/୮ ଜୁଲାଇ ୨୦୨୦)ରେ ୩୪ ଲକ୍ଷ ୪୫ ହଜାର ୭୫୦ ଟଙ୍କା ଏବଂ ରାଜ୍ୟ ପରିବହନ ବିଭାଗ ତରଫରୁ ୪ଟି ପର୍ଯ୍ୟାୟରେ ୩ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ମିଳିଥିଲା। କିନ୍ତୁ କେନ୍ଦୁଝର ଆରଟିଓଙ୍କ ଚିଠି (ନଂ. ୧୩୧୩/୯ ଏପ୍ରିଲ ୨୪)ରେ ଦର୍ଶାଯାଇଛି, ସମୁଦାୟ ୩ ଲକ୍ଷ ୫୦ ହଜାର ଟଙ୍କା ରାଜ୍ୟ ପରିବହନ ବିଭାଗ ତରଫରୁ ଗ୍ରହଣ ହୋଇଛି। ଅନ୍ୟ କୌଣସି ବିଭାଗରୁ ଅନୁଦାନ ମିଳିନାହିଁ। ସେହିପରି କେନ୍ଦୁଝର ସିଡିଏମଓଙ୍କୁ ୮୫ କୋଟି ଟଙ୍କା ଅନୁଦାନ ଆସିଛି। ସେଥିରୁ କେବଳ କେନ୍ଦୁଝର ଡିଏମ୍‌ଏଫ ଫଣ୍ଡରୁ ବିଭିନ୍ନ ପର୍ଯ୍ୟାୟରେ ୮୧ କୋଟି ଟଙ୍କା ଅନୁଦାନ ମିଳିଛି। କିନ୍ତୁ ସିଡିଏମଓଙ୍କ ଚିଠି (ନଂ. ୧୧୬/୨ ନଭେମ୍ବର ୨୦୨୩) ଅନୁସାରେ ୭୨ କୋଟି ୫୫ ଲକ୍ଷ ୫୪ ହଜାର ୭୫୭ ଟଙ୍କା ଅନୁଦାନ ମିଳିଛି। ସେଥିରୁ ୬୦ କୋଟି ୭୦ ଲକ୍ଷ ୯୬ ହଜାର ୮୭୪ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୧୧ କୋଟି ୮୪ ଲକ୍ଷ ୫୭ ହଜାର ୮୮୩ ଟଙ୍କା ବଳକା ରହିଛି। ୪ ମ୍ୟୁନିସିପାଲିଟିକୁ ୨୫ ଲକ୍ଷ ଏବଂ ଚମ୍ପୁଆ ଏନଏସିକୁ ୧୫ ଲକ୍ଷ, ଡିଏସ୍‌ଏମ୍‌ଏସ୍‌କୁ ୧୬ ଲକ୍ଷ ୩୦ ହଜାର ଏବଂ ଡିଏସଡବ୍ଲ୍ୟୁଓକୁ ୪୧ ଲକ୍ଷ ୧୪ ହଜାର ୭୧୮ ଟଙ୍କା ଅନୁଦାନ ମିଳିଛି। ତେବେ ଉର୍ଦ୍ଦିଷ୍ଟ ଗାଇଡ଼ଲାଇନ ଅନୁସାରେ ଅନୁଦାନ ଖର୍ଚ୍ଚ ହୋଇ ନ ଥିବା ଏବଂ ଅଧିକ ଅନୁଦାନ ମିଳିଥିବା ବେଳେ ବିଭିନ୍ନ ବିଭାଗୀୟ ଅଧିକାରୀ ଏହାକୁ ଲୁଚାଉଥିବା ସୂଚନା ଅଧିକାର କର୍ମୀ ଅଭିଯୋଗ ଆଣିଛନ୍ତି। ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଆରଟିଓ, ଡିଏସଏମଏସ, ଡିଏସ୍‌ଡବ୍ଲ୍ୟୁଓ, ଆନନ୍ଦପୁର, ଯୋଡ଼ା, ବଡ଼ବିଲ, କେନ୍ଦୁଝର ମ୍ୟୁନିସିପାଲିଟି, ଚମ୍ପୁଆ ଏନ୍‌ଏସି, ସମସ୍ତ ଉପଖଣ୍ଡ ମେଡିକାଲ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ନୀତି ହୋଇଥିବାରୁ ଏହାର ତଦନ୍ତ ଦାବି କରାଯାଇଛି। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି (ନଂ. ୫୨୨/୨ଅଗଷ୍ଟ୨୦୨୪)ରେ କେନ୍ଦୁଝର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।



# ଗଛରେ ରାଖୀ ବାନ୍ଧି ସଚେତନତା ବାର୍ତ୍ତା



ବୃକ୍ଷକୁ ରାଖୀ ବାନ୍ଧିବା ପରେ ଅତିଥିମାନେ ସଚେତନତା ବାର୍ତ୍ତା ଦେଉଛନ୍ତି।

ମୁନିଗୁଡ଼ା,୧୯।୮ (ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ଅଞ୍ଚଳର କେତେଜଣ ଶିକ୍ଷକ ଦୀର୍ଘବର୍ଷ ଧରି ରକ୍ଷାବନ୍ଧନ ଅବସରରେ ବୃକ୍ଷକୁ ରାଖୀ ବାନ୍ଧି ତାକୁ ସୁରକ୍ଷାଦେବା କାର୍ଯ୍ୟକ୍ରମ କରିବା ସହ ଚାରାରୋପଣକରି ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଅବସରରେ ଶିକ୍ଷକ ଗଣେଶ ସେଠୀ ଓ ବନରକ୍ଷୀ ରୋନିତ ମହାରଣାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ମୁନିଗୁଡ଼ା ବାନାଞ୍ଚଳ ଅଧିକାରୀ ଅନୀଲ କୁମାର ବଳ, ମୁଖ୍ୟବକ୍ତା ଭାବେ ପରିବେଶବିତ ଗୌରାଙ୍ଗ ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ଦୁର୍ଗୀ ବନପାଳ ରଞ୍ଜିତ ଶ୍ରୀରାମ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହ ବାଞ୍ଜିକୁସୁମ ଛକରୁ ଗ୍ରାମ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଛାତ୍ରୀଛାତ୍ର, ଗ୍ରାମବାସୀଙ୍କ ସହଯୋଗରେ ତାଳଗଛ ରୋପଣକରିବା ସହ ବିଭିନ୍ନ ବୃକ୍ଷକୁ ରାଖୀ ବାନ୍ଧିଥିଲେ। ପରେ ରକ୍ଷାବନ୍ଧନ ପାଳନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇବା ସହ ରୋପଣ କରାଯାଇଥିବା ବୃକ୍ଷଗୁଡ଼ିକର ରକ୍ଷଣାବେକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁନିଗୁଡ଼ା ସାହିତ୍ୟ ସଂସଦ ସଭାପତି ପି.ସୁଧାକର ପାତ୍ର, ସମ୍ପାଦକ ଉତ୍ତମ କୁମାର ଦାସ, ଖବରଦାତା ମନୋରଞ୍ଜନ ଦଳାଇ, ପ୍ରମୋଦ ସାହୁକାର, ପ୍ରସାଦ ସାହୁକାର, ସାମାଜିକ କର୍ମୀ ଆନନ୍ଦ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶିକ୍ଷକ ଧନେଶ୍ୱର ମଙ୍ଗରାଜ, କାଳନ୍ଦୀ ନାୟକ, ଅଶ୍ୱିନୀ ଦାସ, ମୀନ ସାହୁ, ବିପ୍ଳବ ସାମନ୍ତରାୟ, ଦୟାନିଧି ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ମୁନିଗୁଡ଼ା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଦସ୍ୟ ଓ ବିଶ୍ୱହିନ୍ଦୁ ପରିଷଦ ମାତୃମଣ୍ଡଳୀ ତରଫରୁ ରକ୍ଷାବନ୍ଧନ ଅବସରରେ ସିଙ୍ଗାରି, ଆଗୁଲ, ଗୋବର୍ଦ୍ଧନ ଗାଆଁରେ ବୁଲି ବୁଲି ରାଖୀ ବାନ୍ଧିବା ସହ ମୁନିଗୁଡ଼ା ଥାନା ଓ ସିଆର୍‌ପିଏଫ୍ କ୍ୟାମ୍ପରେ ଯବାନମାନଙ୍କୁ ରାଖୀ ବାନ୍ଧିଥିଲେ।

## ‘ସମାଜକୁ ସୁରକ୍ଷା ଦିଏ ଗଛ’

ବିଷମକଟକ, ୧୯।୮ (ପ୍ରସନ୍ନ କୁମାର ପଣ୍ଡା)

ମଣିଷ ସମାଜର ସୁରକ୍ଷା କବଚ ହେଉଛି ପ୍ରକୃତି ଓ ପ୍ରକୃତି କୋଳରେ ଥିବା ଗଛଲତା। ଗଛଲତାଙ୍କର ସୁରକ୍ଷା ବିନା ମଣିଷ ସମାଜ ସୁରକ୍ଷିତ ହୋଇପାରିବ ନାହିଁ। ଏକ ସୁସ୍ଥ ଓ ସୁରକ୍ଷିତ ସମାଜ ପାଇଁ ପ୍ରକୃତିର ସୁରକ୍ଷା ଏକାନ୍ତ ଅନିବାର୍ଯ୍ୟ। ଏହି କ୍ରମରେ ସୋମବାର ରକ୍ଷା ବନ୍ଧନ ଅବସରରେ ବିଷମ କଟକ ବ୍ଲକର କାଙ୍କୁବାଡ଼ି ପଞ୍ଚାୟତର ବଣ୍ଡେଇଗୁଡା ଗ୍ରାମର କିଶୋରୀମାନେ ନିଜ ଭାଇକୁ ରାଖୀ ବାନ୍ଧିବା ପରି ଜଙ୍ଗଲରେ ଥିବା ଗଛଲତାକୁ ରାଖୀ ବାନ୍ଧିଥିଲେ। ସେମାନଙ୍କର ମତ ଥିଲା, ଭାଇ ଯେପରି ଭଉଣୀକୁ ସୁରକ୍ଷା ଦେଇଥାଏ, ଗଛ ସେପରି ସାରା ସମାଜକୁ ସୁରକ୍ଷା ଦେଇଥାଏ। ତେଣୁ ରାଖୀ ପୂର୍ଣ୍ଣିମା ତିଥିରେ ଗଛକୁ ରାଖୀ ପିନ୍ଧାଇ କିଶୋରୀମାନେ ପରିବେଶ ସୁରକ୍ଷାର ମହତ୍ତ୍ୱ ବାର୍ତ୍ତା ଦେଇଛନ୍ତି। ଝିଅମାନଙ୍କର ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି। ଏଲ.ଜି.ଡବ୍ଲ୍ୟୁ.ସି. ଡି.ସି ଓ ଲିଭିଙ୍ଗ ଫାର୍ମସ ଅନୁଷ୍ଠାନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରମାକାନ୍ତ ଜେନା, ସୁକାନ୍ତ ବାଗ ପରିଚାଳନା କରିଥିଲେ। ହେମବତୀ, ଉରନ୍ତି, ମିନତି, ଅଜନ୍ତି, ରୀତା, ଜ୍ୟୋତି,ଝାନ୍ସୀ, ପ୍ରତିମା ଆଦି ଝିଅମାନେ ଏହି କାର୍ଯ୍ୟର ନେତୃତ୍ୱ ନେଇଥିଲେ।




ବାଳିକାମାନେ ଗଛକୁ ରାଖୀ ପିନ୍ଧାଉଛନ୍ତି।

# ଫରେଷ୍ଟରଙ୍କ ବାଇକ୍ ଜାଳିଦେଲେ ଦୁର୍ବୃତ୍ତ

## ଥାନାରେ ଏତଲା

ଟିକିରି, ୧୯।୮
(ପ୍ରଫୁଲ୍ଲ କୁମାର ବେହେରା)



ଜଳିଯାଇଥିବା ବାଇକ୍।

ରାୟଗଡ଼ା ଜିଲା ଟିକିରି ବନାଞ୍ଚଳ ଅନ୍ତର୍ଗତ ଶଙ୍କରଡ଼ା ଫରେଷ୍ଟରଙ୍କ ବାଇକ୍‌କୁ ଗତ ରବିବାର ରାତିରେ କେହି ଜଣେ ଦୁର୍ବୃତ୍ତ ପେଟ୍ରୋଲ ଢାଳି ଜାଳି ଦେଇଥିବା ଟିକିରି ଥାନାରେ ଏତଲା ହୋଇଛି । ସୋମବାର ସକାଳେ ଟିକିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜଳିଯାଇଥିବା ବାଇକ୍ ନିକଟରେ ଏକ ଖାଲି ପେଟ୍ରୋଲ ବୋତଲ ପଡ଼ିଥିବାରୁ ବାଇକ୍ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ପୋଲିସ ସନ୍ଦେହ ହେଉଛି ।

ଫରେଷ୍ଟର ଗୌତମ କୁମାର ପଣ୍ଡା ତାଙ୍କ ପୁଅ ସହ ଶଙ୍କରଡ଼ାସ୍ଥିତ ସରକାରୀ କ୍ୱାର୍ଟରରେ ରହୁଛନ୍ତି। ସବୁଦିନ ଭଳି ରବିବାର ରାତିରେ କ୍ୟାମ୍ପସରେ ବାଇକ ରଖି ଶୋଇ ଯାଇଥିଲେ । ରାତି ଅଧରେ ଜୋରରେ ଆବାଜ ହେବାରୁ ବାପାପୁଅ ନିଦରୁ ଉଠିଥିଲେ। କିନ୍ତୁ କବାଟର ବାହାର ପଟୁ ବନ୍ଦ ଥିବାରୁ ହଠାତ ପଦାକୁ ବାହାରି ପାରି ନ ଥିଲେ । କୌଣସି ମତେ କବାଟ ଖୋଲି ବାହାରକୁ ଆସି ଦେଖିଲା ବେଳକୁ ବାଇକ୍ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଫାଟକ ତାଲା ପଡିଥିବା ସତ୍ତ୍ୱେ ଦୁର୍ବୃତ୍ତ ଫାଟକ ଡେଇଁ ଭିତରେ ପଶିଥିବା ଜଣାଯାଇଛି । ଗତ ଦିନରେ ବିଭାଗ ପକ୍ଷରୁ କାଠ ଚୋର, ମାଙ୍ଗାନିଜ ଖଣିଜ ଚୋରି ଭଳି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଫଳରେ ମାଫିଆମାନେ ଆକ୍ରୋଶ ଭାବେ ଏଭଳି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି ।

# ଭାରତ ବନ୍ଦ ସଫଳ ପାଇଁ ଗୁମ୍ମାରେ ପ୍ରସ୍ତୁତି ବୈଠକ

ରାୟଗଡା,୧୯।୮ (ଆଶିଷ ରଞ୍ଜନ ପଣ୍ଡା)

ଆସନ୍ତା ୨୧ ତାରିଖରେ ହେବାକୁ ଥିବା ଭାରତ ବନ୍ଦ ସଫଳ ପାଇଁ ରାୟଗଡ଼ା ବ୍ଲକ୍ ଗୁମ୍ମା ପଞ୍ଚାୟତର ଗୁମ୍ମା ଗ୍ରାମରେ ଅନୁସୂଚିତ ଜାତି ଓ ଜନଜାତି କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ବନ୍ଦ ପାଳନରେ ପଞ୍ଚାୟତର ସମସ୍ତ ଗ୍ରାମରୁ ଯେପରି ଅଧିକ ଅଧିକ ଭାଇ ଭଉଣୀ କାର୍ଯ୍ୟକ୍ରମରେ ଯୋଗଦେଇ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ସଫଳ କରିବେ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। କିଭଳି ବହୁ ସଂଖ୍ୟାରେ ବିଭିନ୍ନ ଗ୍ରାମରୁ ଭାଇ ଭଉଣୀ ଆସି ଯୋଗଦେବେ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା।

ସୂଚନାଯୋଗ୍ୟ, ସୁପ୍ରିମକୋର୍ଟ ସଂରକ୍ଷଣରେ ବର୍ଗୀକରଣ ଲାଗି ଯେଉଁ ରାୟ ଦେଇଛନ୍ତି, ତାକୁ ନେଇ ସମଗ୍ର ଭାରତବର୍ଷରେ ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। କୋର୍ଟଙ୍କ ଏହି ରାୟକୁ ବିରୋଧକରି ଆସନ୍ତା ୨୧ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ତେବେ ସୁପ୍ରିମକୋର୍ଟଙ୍କ ଏଭଳି ରାୟ ଦ୍ୱାରା ସଂରକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଶେଷ ହୋଇଯିବା ସହ ପଛୁଆ ବର୍ଗର ଜନସାଧାରଣଙ୍କୁ ଭବିଷ୍ୟତରେ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ । ତେଣୁ ନିଜର ସୁରକ୍ଷାର ଲଢ଼େଇ ପାଇଁ ଆଗେଇ ଆସିବା ପାଇଁ କମିଟି ତରଫରୁ ଆହ୍ୱାନ ଦିଆଯାଇଛି ।




ବୈଠକରେ ଯୋଗ ଦେଇଥିବା କମିଟି ସଦସ୍ୟ।

# କାଉଡ଼ିଆଙ୍କ ଶ୍ରାବଣ ବ୍ରତ ଉଦ୍‌ଯାପିତ



ଟିକିରି ଶୈବପୀଠ ପରିସରରେ ବୋଲ୍‌ବମ୍ ଭକ୍ତ ବ୍ରତ ଉଦ୍‌ଯାପନ କରୁଛନ୍ତି।

ଟିକିରି,୧୯।୮ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରି ହରିହର ବୋଲ୍‌ବମ୍ ସଂଘ ସହ ଅନ୍ୟ କାଉଡ଼ିଆମାନେ ଶ୍ରାବଣ ଶେଷ ସୋମବାରରେ ଟିକିରି ଶୈବପୀଠ ପରିସରରେ ଶ୍ରାବଣ ବ୍ରତ ଉଦ୍‌ଯାପିତ କରିଛନ୍ତି। ବ୍ରତ ଉଦ୍‌ଯାପନୀ ପାଇଁ ବୋଲ୍‌ବମ୍ ଭକ୍ତଙ୍କ ଭିଡ଼ ଯୋଗୁ ସୋମବାର ସକାଳୁ ଶିବମୟ ହୋଇ ଉଠିଥିଲା ଟିକିରି ଅଞ୍ଚଳ। ସଞ୍ଜୟ ଷଡ଼ଙ୍ଗୀ ପୂଜାର୍ଚ୍ଚନା କରିବା ପରେ ୭୦ଜଣ କାଉଡ଼ିଆ ମନ୍ଦିରରେ ସାମୂହିକ ଶିବ ଆରାଧନା କରିବା ସହ ବ୍ରତ ଉଦ୍‌ଯାପନ କରିଥିଲେ। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଟିକିରି ଅଞ୍ଚଳର ବାବୁଲି ଲିମା, କାମା ସାହୁ, ଲୋକନାଥ ସାହୁ, ମୁକୁନ୍ଦ ବିଶୋଇ, ରଜିତ ମିଶ୍ର, ମନୋଜ ମେଦିରି, ବାବୁନା ମେଦିରି ପ୍ରମୁଖ ଉପସ୍ଥିତ ଥିଲେ ।

## ରାଖୀ ବାନ୍ଧିବା ଅଧୁରା ରହିଲା:ଦୁର୍ଘଟଣାରେ ଭାଇ ଗୁରୁତର

ଦିଗପହଣ୍ଡି/ପାଟପୁର,୧୯।୮
(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ଦିଗପହଣ୍ଡି– ଆସିକା ୩୨୬ ନଂ ଜାତୀୟ ରାଜପଥର ସୁମନ୍ତପୁର ଗ୍ରାମ ଛକ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୨ ଟାରେ ବାଇକ ଦୁର୍ଘଟଣାରେ ଛଣମେରି ଗ୍ରାମର ଚନ୍ଦନ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି। ସେ ତାଙ୍କ ସାନ ଭଉଣୀ ସୋନାଲିଙ୍କୁ ନେଇ ପାଟପୁର ଗ୍ରାମରେ ରହୁଥିବା ବଡ଼ ଭଉଣୀ ହାତରୁ ରାଖୀ ବାନ୍ଧିବା ନିମନ୍ତେ ଯାଉଥିଲେ। ସୁମନ୍ତପୁର ଗ୍ରାମର ଜଣେ ବୃଦ୍ଧ ଲକ୍ଷ୍ମଣ ଗୌଡ଼ ହଠାତ ବାଇକ ସାମ୍ନାକୁ ଚାଲି ଅରସିବାରୁ ସେ ନିୟନ୍ତ୍ରଣ ହରାଇ ତାଙ୍କୁ ଧକ୍କା ଦେଇ ରାସ୍ତା ଉପରେ ପଡିଯାଇଥିଲେ। ରାସ୍ତାରେ ଯାଉଥିବା ଲୋକେ ଗୁରୁତର ଆହାତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚନ୍ଦନଙ୍କର ବାମ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ବୃଦ୍ଧ ଲକ୍ଷ୍ମଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଉଭୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ବୃଦ୍ଧାଶ୍ରମ, ଅନାଥାଶ୍ରମରେ ରାଖୀ ବାନ୍ଧି ମିଠା ଖୁଆଇଲେ

ଗୁଣପୁର, ୧୯।୮
(ପ୍ରଦୀପ କୁମାର ପାଢ଼ୀ)

ରକ୍ଷାବନ୍ଧନ ଉତ୍ସବ ଅବସରରେ ସୋମବାର ଗୁଣପୁର ଭାଜପା କାର୍ଯ୍ୟକର୍ତ୍ତା ସ୍ଥାନୀୟ ବୃଦ୍ଧାଶ୍ରମ ଅନ୍ତେବାସୀ ଓ ଅନାଥ ଆଶ୍ରମ ପିଲାମାନଙ୍କୁ ରାଖୀ ବାନ୍ଧିବା ସହ ମିଠା ଓ ବିସ୍କୁଟ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତା ୱାଇ.ଗଣପତି, ଅମର କୁମାର ସାହୁ, ପୃଥିବୀରାଜ ପାଢ଼ୀ, ଆଦିତ୍ୟ ନାରାୟଣ ମିଶ୍ର, ଗଗନ ବିହାରୀ ପାତ୍ର, ପ୍ରଦୀପ ପାଢ଼ୀ, ନିଖିଲ ପାତ୍ର, ଶ୍ରୀକାନ୍ତ ପଣ୍ଡା ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଶିଶୁ ଯତ୍ନ ଅନୁଷ୍ଠାନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ଗୁଣପୁର ଶାଖା ପକ୍ଷରୁ ମଧ୍ୟ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାତା ପିତା ଏବଂ ଭଉଣୀର ଅଭାବକୁ ଦୂର କରିବା ପାଇଁ ହର୍ଷ ଉଲ୍ଲାସରେ ଅନୁଷ୍ଠାନର ଶିଶୁମାନଙ୍କ ଗହଣରେ ରକ୍ଷା ବନ୍ଧନ ପାଳନ ହୋଇଥିଲା । ପରିଷଦର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ଅନ୍ତେବାସୀ ପିଲାଙ୍କୁ ରାଖୀ ବାନ୍ଧିଥିଲେ।

ସେହିପରି ଗାନ୍ଧୀ ପବ୍ଲିକ ସ୍କୁଲରେ ମଧ୍ୟ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ, ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼. ଜଗଦୀଶ ପଣ୍ଡା ଏହି ପବିତ୍ର ଦିବସ ଆମ ଓଡ଼ିଶାର ଘରେ ଘରେ ଗହ୍ମା ପୂର୍ଣ୍ଣିମା ସହିତ ଗୋମାତା ପୂଜନ କରାଯାଏ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ। ସେହିପରି ଚିନାସାରୀ ପଞ୍ଚାୟତ ଗାଡ଼ିଆବାଙ୍ଗ ଗ୍ରାମରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଭଉଣୀଙ୍କୁ ନେଇ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଉପ ସଭାପତି ଉଦୟ ନାଥ ପାଢ଼ୀ, ଜଗନ୍ନାଥପୁର ମଣ୍ଡଳ ସଭାପତି ଦିଲୀପ କୁମାର ଦାସ, ଯୁବନେତା ଜଗଦୀଶ ପଣ୍ଡା, କୀର୍ତ୍ତି କୁମାର ପଣ୍ଡା, ଶାନ୍ତନୁ ପାଣିଗ୍ରାହୀ, ଲେମନ୍ତି ଶବର, ଡାନୀୟଲ ଶବର ଏବଂ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।



ଅନ୍ତେବାସୀ ପିଲାଙ୍କୁ ପରିଷଦର କାର୍ଯ୍ୟକର୍ତ୍ତା ରାଖୀ ବାନ୍ଧୁଛନ୍ତି।

# ରୋଟାରୀ କ୍ଲବ୍ ପକ୍ଷରୁ ବୃଦ୍ଧାଶ୍ରମକୁ ଇନଭର୍ଟର ପ୍ରଦାନ

ରାୟଗଡ଼ା,୧୯।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ରୋଟାରୀ କ୍ଲବ ତରଫରୁ ସହରସ୍ଥିତ ଶକ୍ତି ବୃଦ୍ଧାଶ୍ରମକୁ ଏକ ଇନଭର୍ଟର ପ୍ରଦାନ କରାଯାଇଛି। ଏ ନେଇ ରୋଟରୀ କ୍ଲବ ତରଫରୁ ଶକ୍ତି ବୃଦ୍ଧିଶ୍ରମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା । ଏଥିସହ ବୃଦ୍ଧାଶ୍ରମରେ ରୋଟରୀ କ୍ଲବର ସଦସ୍ୟମାନେ କିଛି ସମୟ ବିତାଇ ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବସୀଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇଥିଲେ। ବୃଦ୍ଧାଶ୍ରମକୁ ଇନଭର୍ଟର ପ୍ରଦାନ କରାଯାଇଥିବାରୁ ଅନ୍ତେବସୀମାନେ ଖୁସିବ୍ୟକ୍ତ କରିଛନ୍ତି। ଏଥିସହ ରୟତ କଲୋନୀସ୍ଥିତ ବାଳିକା ଆଶ୍ରମରେ ରୋଟରୀ କ୍ଲବ ତରଫରୁ ଅନ୍ନପୂର୍ଣ୍ଣା ଦିବସ ପାଳନ କରାଯାଇଥିଲା। ଆଶ୍ରମରେ ରହୁଥିବା ବାଳିକାଙ୍କୁ କ୍ଲବର ସଦସ୍ୟମାନେ ରନ୍ଧା ଖାଦ୍ୟ ପ୍ରଦାନ କରିଥିଲେ। ରୋଟାରୀ କ୍ଲବ ତରଫରୁ କରାଯାଉଥିବା ଜନହିତକର କାର୍ଯ୍ୟକ୍ରମକୁ ସହରର ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି।




ରୋଟାରୀ କ୍ଲବ କର୍ମକର୍ତ୍ତା ଅନ୍ତେବାସୀଙ୍କୁ ଇନଭର୍ଟ ପ୍ରଦାନ କରୁଛନ୍ତି ।

# ଦୂଷିତ ପାଣି, ବାସିଖାଦ୍ୟ ନ ଖାଇବାକୁ ବିଧାୟକଙ୍କ ପରାମର୍ଶ

## ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ପରିବାରକୁ ଭେଟିଲେ

ନନ୍ଦାହାଣ୍ଡି,୧୯।୮(ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ସୋମବାର ନନ୍ଦାହାଣ୍ଡି ବ୍ଲକ୍ ଝାଡ଼ବନ୍ଧଗୁଡ଼ା ପଞ୍ଚାୟତ ଦଣ୍ଡସେନା ଗୁଡ଼ା ଗ୍ରାମକୁ ଯାଇ ଝାଡ଼ାବାନ୍ତରେ ମୃତ୍ୟୁବରଣ କରିଥିବା ୩ ଜଣଙ୍କ ପରିବାରକୁ ଭେଟି ସମବେଦେନା ଜଣାଇଛନ୍ତି। ଏଥିସହ ଦୂଷିତପାଣି କିମ୍ବା ବାସିଖାଦ୍ୟ ନ ଖାଇବା ପାଇଁ ଗ୍ରାମବାସୀଙ୍କୁ ବିଧାୟକ ସଚେତନ କରାଇଥିଲେ । ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହୋଇ କିଛି ରୋଗ ହେଲେ ଡାକ୍ତରଖାନାକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବାକୁ ବୁଝାଇଥିଲେ। ବିଧାୟକଙ୍କ ପରିଦର୍ଶନ ସମୟରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ମଳୟ କୁମାର ତ୍ରିପାଠୀ, ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ବେହ୍ୟା, ଡାକ୍ତର ନିବେଦିତା ଗୌଡ଼, ଡା. ଶିବାନନ୍ଦ ବିଷୋୟୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଯନ୍ତ୍ରୀ ଜୟପ୍ରକାଶ ମିଶ୍ର ତଥା ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ବିଭାଗର କର୍ମ ତତ୍ପରତା ଏବଂ ଉପଯୁକ୍ତ ଚିକିତ୍ସା ଦ୍ୱାରା ଝାଡ଼ାବାନ୍ତି ସଂକ୍ରମଣକୁ ନିୟନ୍ତ୍ରଣ କରାଯାଇଥିବାରୁ ବିଧାୟକ ସେମାନଙ୍କୁ ପ୍ରଶଂସା କରିଛନ୍ତି। ଗ୍ରାମରେ ସ୍ଥିତି ସ୍ୱାଭାବିକ କରିବା ପାଇଁ ୨୦ ତାରିଖ ଯାଏ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଗାଁରେ ରହି ସ୍ଥିତି ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି।



ନବରଙ୍ଗପୁର ବିଧାୟକ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ସୂଚନାଯୋଗ୍ୟ, ନନ୍ଦାହାଣ୍ଡି ବ୍ଲକ୍ ଝାଡ଼ବନ୍ଧଗୁଡ଼ା ପଞ୍ଚାୟତ ଦଣ୍ଡସେନା ଗୁଡ଼ାରେ ଝାଡ଼ାବାନ୍ତି ବ୍ୟାପିବାରୁ ଗତ ୯ରୁ ୧୨ତାରିଖ ମଧ୍ୟରେ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହାବ୍ୟତୀତ ୧୩ ତାରିଖରେ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଫୁପୁଗାଁର ମଧ ଜଣେ ବୃଦ୍ଧାଙ୍କର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ପ୍ରଥମେ ଗୁଣିଗାରେଡ଼ି ସନ୍ଦେହକରି ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ଗ୍ରାମବାସୀ ଅମଙ୍ଗ ହେଉଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସେହି ଗ୍ରାମରେ ମୁତୟନ ହୋଇ ବୁଝାଶୁଝା କରିବା ପରେ ୫ ଜଣ ଆକ୍ରାନ୍ତଙ୍କୁ ଡଙ୍ଗରଭେଜା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତରଙ୍କ ଉପଯୁକ୍ତ ଚିକିତ୍ସା ଯୋଗୁ ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନିଜ ଘରକୁ ଫେରିଛନ୍ତି । ବର୍ତ୍ତମାନ ଫୁପୁଗାଁର ୨ ଜଣ ଆକ୍ରାନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହି ଚିକିତ୍ସିତ ହେଉଛନ୍ତି । ଏବେ ଦଣ୍ଡସେନା ଗୁଡ଼ଫା ଏବଂ ଫୁପୁଗାଁରେ ସ୍ଥିତି ଭଲ ଅଛି ଏବଂ କୌଣସି ନୂଆ ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିବା ଡାକ୍ତର କହିଛନ୍ତି।

# ଦୂଷିତପାଣି, ବାସିଖାଦ୍ୟ ନ ଖାଇବାକୁ ବିଧାୟକଙ୍କ ପରାମର୍ଶ

**ନନ୍ଦାହାଣ୍ଡି,୧୯।୮ (ପ୍ରତୀପ କୁମାର ଦାଶ)**

ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ସୋମବାର ନନ୍ଦାହାଣ୍ଡି ବ୍ଲକ୍ ଝାଡ଼ବନ୍ଧଗୁଡ଼ା ପଞ୍ଚାୟତ ଦଣ୍ଡସେନା ଗୁଡ଼ା ଗ୍ରାମକୁ ଯାଇ ଝାଡ଼ାବାନ୍ତରେ ମୃତ୍ୟୁବରଣ କରିଥିବା ୩ ଜଣଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହ ଦୂଷିତପାଣି କିମ୍ବା ବାସିଖାଦ୍ୟ ନ ଖାଇବା ପାଇଁ ଗ୍ରାମବାସୀଙ୍କୁ ବିଧାୟକ ସଚେତନ କରାଇଥିଲେ । ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହୋଇ କିଛି ରୋଗ ହେଲେ ଡାକ୍ତରଖାନାକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବାକୁ ବୁଝାଇଥିଲେ। ବିଧାୟକଙ୍କ ପରିଦର୍ଶନ ସମୟରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ମଳୟ କୁମାର ତ୍ରିପାଠୀ, ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ବେହେରା, ଡାକ୍ତର ନିବେଦିତା ଗୌଡ଼, ଡା. ଶିବାନନ୍ଦ ବିଷୋୟୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଯନ୍ତ୍ରୀ ଜୟପ୍ରକାଶ ମିଶ୍ର ତଥା ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ବିଭାଗର କର୍ମ ତତ୍ପରତା ଏବଂ ଉପଯୁକ୍ତ ଚିକିତ୍ସା ଦ୍ୱାରା ଝାଡ଼ାବାନ୍ତି ସଂକ୍ରମଣକୁ ନିୟନ୍ତ୍ରଣ କରାଯାଇଥିବାରୁ ବିଧାୟକ ସେମାନଙ୍କୁ ପ୍ରଶଂସା କରିଛନ୍ତି। ଗ୍ରାମରେ ସ୍ଥିତି ସ୍ୱାଭାବିକ କରିବା ପାଇଁ ୨୦ ତାରିଖ ଯାଏ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଗାଁରେ ରହି ସ୍ଥିତି ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ନନ୍ଦାହାଣ୍ଡି ବ୍ଲକ୍ ଝାଡ଼ବନ୍ଧଗୁଡ଼ା ପଞ୍ଚାୟତ ଦଣ୍ଡସେନା ଗୁଡ଼ାରେ ଝାଡ଼ାବାନ୍ତି ବ୍ୟାପିବାରୁ ଗତ ୯ରୁ ୧୨ତାରିଖ ମଧ୍ୟରେ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହାବ୍ୟତୀତ ୧୩ ତାରିଖରେ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଫୁପୁଗାଁର ମଧ ଜଣେ ବୃଦ୍ଧାଙ୍କର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ପ୍ରଥମେ ଗୁଣିଗାରେଡ଼ି ସନ୍ଦେହକରି ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ଗ୍ରାମବାସୀ ଅମଙ୍ଗ ହେଉଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ସେହି ଗ୍ରାମରେ ମୁତୟନ ହୋଇ ବୁଝାଶୁଝା କରିବା ପରେ ୫ ଜଣ ଆକ୍ରାନ୍ତଙ୍କୁ ଡଙ୍ଗରଭେଜା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତରଙ୍କ ଉପଯୁକ୍ତ ଚିକିତ୍ସା ଯୋଗୁ ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନିଜ ଘରକୁ ଫେରିଛନ୍ତି । ବର୍ତ୍ତମାନ ଫୁପୁଗାଁର ୨ ଜଣ ଆକ୍ରାନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହି ଚିକିତ୍ସିତ ହେଉଛନ୍ତି । ଏବେ ଦଣ୍ଡସେନା ଗୁଡ଼ଫା ଏବଂ ଫୁପୁଗାଁରେ ସ୍ଥିତି ଭଲ ଅଛି ଏବଂ କୌଣସି ନୂଆ ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିବା ଡାକ୍ତର କହିଛନ୍ତି।


ନବରଙ୍ଗପୁର ବିଧାୟକ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ପରିବାରକୁ ଭେଟିଲେ**

# ଗଛରେ ରାଖୀ ବାନ୍ଧିଲେ ବାଳିକା



ବାଳିକାମାନେ ଗଛରେ ରାଖୀ ବାନ୍ଧୁଛନ୍ତି।

**ବିଷମକଟକ, ୧୯।୮ (ପ୍ରସନ୍ନ କୁମାର ପଣ୍ଡା)**

ମଣିଷ ସମାଜର ସୁରକ୍ଷା କବଚ ହେଉଛି ପ୍ରକୃତି ଓ ପ୍ରକୃତି କୋଳରେ ଥିବା ଗଛଲତା। ଗଛଲତାଙ୍କର ସୁରକ୍ଷା ବିନା ମଣିଷ ସମାଜ ସୁରକ୍ଷିତ ହୋଇପାରିବ ନାହିଁ। ଏକ ସୁସ୍ଥ ଓ ସୁରକ୍ଷିତ ସମାଜ ପାଇଁ ପ୍ରକୃତିର ସୁରକ୍ଷା ଏକାନ୍ତ ଅନିବାର୍ଯ୍ୟ। ଏହି କ୍ରମରେ ସୋମବାର ରକ୍ଷା ବନ୍ଧନ ଅବସରରେ ବିଷମ କଟକ ବ୍ଲକର କାଙ୍କୁବାଡ଼ି ପଞ୍ଚାୟତର ବଣ୍ଡେଇଗୁଡା ଗ୍ରାମର କିଶୋରୀମାନେ ନିଜ ଭାଇକୁ ରାଖୀ ବାନ୍ଧିବା ପରି ଜଙ୍ଗଲରେ ଥିବା ଗଛଲତାକୁ ରାଖୀ ବାନ୍ଧିଥିଲେ। ସେମାନଙ୍କର ମତ ଥିଲା, ଭାଇ ଯେପରି ଭଉଣୀକୁ ସୁରକ୍ଷା ଦେଇଥାଏ, ଗଛ ସେପରି ସାରା ସମାଜକୁ ସୁରକ୍ଷା ଦେଇଥାଏ। ତେଣୁ ରାଖୀ ପୂର୍ଣ୍ଣିମା ତିଥିରେ ଗଛକୁ ରାଖୀ ପିନ୍ଧାଇ କିଶୋରୀମାନେ ପରିବେଶ ସୁରକ୍ଷାର ମହତ୍ତ୍ୱ ବାର୍ତ୍ତା ଦେଇଛନ୍ତି। ଝିଅମାନଙ୍କର ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି। ଏଲ.ଜି.ଡବ୍ଲ୍ୟୁ.ସି. ଡି.ସି ଓ ଲିଭିଙ୍ଗ ଫାର୍ମସ ଅନୁଷ୍ଠାନର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରମାକାନ୍ତ ଜେନା, ସୁକାନ୍ତ ବାଗ ପରିଚାଳନା କରିଥିଲେ। ହେମବତୀ, ଉରନ୍ତି, ମିନତି, ଅଜନ୍ତି, ରୀତା, ଜ୍ୟୋତି,ଝାନ୍ସୀ, ପ୍ରତିମା ଆଦି ଝିଅମାନେ ଏହି କାର୍ଯ୍ୟର ନେତୃତ୍ୱ ନେଇଥିଲେ।

# ମା' ସନ୍ତୋଷୀଙ୍କ ବାର୍ଷିକ ଉତ୍ସବ

**ଉମରକୋଟ,୧୯।୮ (ସନ୍ତୋଷ ଶତପଥୀ)**

ପ୍ରତିବର୍ଷ ପରି ଚଳିତବର୍ଷ ମଧ ଉମରକୋଟ ଡିଏନ୍‌କେଠାରେ ମା' ସନ୍ତୋଷୀଙ୍କ ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଜା ବାଜଣା ସହ ବାଣ ଫୁଟାଇ ଶତାଧିକ ମହିଳା ପୁରୁଷ ଏକ କଳସ ଶୋଭାଯାତ୍ରାରେ ମା' ସନ୍ତୋଷୀ ଦେବୀଙ୍କ ପୀଠରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ମା' ସନ୍ତୋଷୀ ଦେବୀଙ୍କ ମନ୍ଦିରରେ ଘଟ ସ୍ଥାପନ କରାଯାଇ ସୂର୍ଯ୍ୟପୂଜା, ଗୋପୂଜା, ସର୍ବ ଦେବାଦେବୀ ପୂଜା, ଦେବୀଙ୍କ ଷୋଡ ଉପଚାର, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଆହୂତି, ହୋମ ଓ ପୂର୍ଣ୍ଣାହୂତି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଭକ୍ତ ଯୋଗ ଦେଇଥିଲେ ।



ମା'ଙ୍କ ମନ୍ଦିରରେ ମହାତ୍ମ୍ୟା ହେଉଛି ୧୨ ବର୍ଷ ହେବ ଏଠାରେ ଅଖଣ୍ଡ ଦୀପ ଜଳୁଛି। ୨୦୧୩ ଜୁନ ୧ ତାରିଖ ରୁ ଏହି ଅଖଣ୍ଡ ଦୀପ ଜଳୁଥିବା କହିଛନ୍ତି ମନ୍ଦିରର ପୂଜକ। ମା' ସନ୍ତୋଷୀଙ୍କ ବାର୍ଷିକ ଉତ୍ସବରେ ପୂଜକ ଶ୍ରୀକାନ୍ତ କୁମାର ପଣ୍ଡା ପୂଜା କରୁଥିବା ବେଳେ ସନ୍ଧ୍ୟା ୭ଟାରୁ ଦୀପ ଯଜ୍ଞ କରାଯାଇଥିଲା। ଏହି ଅବସରରେ ମା' ସୋନ୍ତଷୀଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ଆୟୋଜନ କରାଯାଇଥିଲା। ଏହି ଉତ୍ସବ କମିଟିର ସଭାପତି ବାବୁ ଦଳେଇ, ସାଧାରଣ ସମ୍ପାଦକ ସୁଶିଲ ପଣ୍ଡା ଓ କୋଷାଧକ୍ଷ ଉଦୟ ଘୋଷଙ୍କ ସହ ମହେନ୍ଦ୍ର ପାତ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବନ୍ଦ ପାଳନ ନେଇ ଅନୁସୂଚିତ ଜାତି, ଜନଜାତିର ପ୍ରସ୍ତୁତି ବୈଠକ



ସଂଘ ତରଫରୁ ଝରିଗାଁ ବନ୍ଦ ଲାଗି ଥାନାରେ ଲିଖିତ ପତ୍ର ପ୍ରଦାନ କରାଯାଉଛି।

**ଝରିଗାଁ,୧୯।୮ (କିଶୋର ଚନ୍ଦ୍ର ମଣ୍ଡଳ)**

ଆସନ୍ତା ୨୧ ତାରିଖରେ ହେବାକୁ ଥିବା ଭାରତ ବନ୍ଦ ଡାକରାକୁ ନବରଙ୍ଗପୁର ଜିଲା ଝରିଗାଁ ଅନୁସୂଚିତ ଜାତି ଓ ଜନଜାତି ମିଳିତ ସଂଘ ପକ୍ଷରୁ ସମର୍ଥନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ୍ ସଭାପତି ଘନ ମାଝିଙ୍କ ସଭାପତିତ୍ୱରେ ଝରିଗାଁ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

ସୁପ୍ରିମକୋର୍ଟ ସଂରକ୍ଷଣରେ ବର୍ଗୀକରଣ ଲାଗି ଯେଉଁ ରାୟ ଦେଇଛନ୍ତି, ତାକୁ ନେଇ ସମଗ୍ର ଭାରତବର୍ଷରେ ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। କୋର୍ଟଙ୍କ ଏହି ରାୟକୁ ବିରୋଧକରି ଆସନ୍ତା ୨୧ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ତେବେ ସୁପ୍ରିମକୋର୍ଟଙ୍କ ଏଭଳି ରାୟ ଦ୍ୱାରା ସଂରକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଶେଷ ହୋଇଯିବା ସହ ପଛୁଆ ବର୍ଗର ଜନସାଧାରଣଙ୍କୁ ଭବିଷ୍ୟତରେ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ । ତେଣୁ ନିଜର ସୁରକ୍ଷାର ଲଢ଼େଇ ପାଇଁ ଆଗେଇ ଆସିବା ପାଇଁ ସଂଘ ତରଫରୁ ଆହ୍ୱାନ ଦିଆଯାଇଛି। ଏହି ଅବସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀ, ଗୁରୁସିଙ୍ଗା ସରପଞ୍ଚ ମୋହନ ନାୟକ, ଚୈତନ୍ୟ ଗଣ୍ଡ, ମୁକୁନ୍ଦ ଭତ୍ରା, ପଦ୍ମନ ସାନ୍ତା, ଧନୁର୍ଯ୍ୟୟ ନାୟକ, ଟିକଚନ୍ଦ ମାଝି ,ବଂଶୀଧର ପନକା, ହରିହର ଦୁର୍ଗା, ଜଗଦୀଶ ମାଝୀ, ଦିବାକର ହଲବା, ଦେବୀସିଂ ଭତ୍ରା ପ୍ରମୁଖ ଭାରତ ବନ୍ଦ ଡାକରାକୁ ସମର୍ଥନ ଜଣାଇ ଝରିଗାଁ ବନ୍ଦ ଲାଗି ଥାନାରେ ଏକ ଲିଖିତ ପତ୍ର ଦେଇଥିଲେ।

**ଭାରତ ବନ୍ଦ ଡାକରାକୁ ସମର୍ଥନ**

# ବୃଦ୍ଧାଶ୍ରମ, ଅନାଥାଶ୍ରମରେ ରାଖୀ ବାନ୍ଧି ମିଠା ଖୁଆଇଲେ

**ଗୁଣପୁର, ୧୯।୮ (ପ୍ରଦୀପ କୁମାର ପାଢ଼ୀ)**

ରକ୍ଷାବନ୍ଧନ ଉତ୍ସବ ଅବସରରେ ସୋମବାର ଗୁଣପୁର ଭାଜପା କାର୍ଯ୍ୟକର୍ତ୍ତା ସ୍ଥାନୀୟ ବୃଦ୍ଧାଶ୍ରମ ଅନ୍ତେବାସୀ ଓ ଅନାଥ ଆଶ୍ରମ ପିଲାମାନଙ୍କୁ ରାଖୀ ବାନ୍ଧିବା ସହ ମିଠା ଓ ବିସ୍କୁଟ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତା ୱାଇ.ଗଣପତି, ଅମର କୁମାର ସାହୁ, ପୃଥିବୀରାଜ ପାଢ଼ୀ, ଆଦିତ୍ୟ ନାରାୟଣ ମିଶ୍ର, ଗଗନ ବିହାରୀ ପାତ୍ର, ପ୍ରଦୀପ ପାଢ଼ୀ, ନିଖିଲ ପାତ୍ର, ଶ୍ରୀକାନ୍ତ ପଣ୍ଡା ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ଶିଶୁ ଯତ୍ନ ଅନୁଷ୍ଠାନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ଗୁଣପୁର ଶାଖା ପକ୍ଷରୁ ମଧ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାତା ପିତା ଏବଂ ଭଉଣୀର ଅଭାବକୁ ଦୂର କରିବା ପାଇଁ ହର୍ଷ ଉଲ୍ଲାସରେ ଅନୁଷ୍ଠାନର ଶିଶୁମାନଙ୍କ ଗହଣରେ ରକ୍ଷା ବନ୍ଧନ ପାଳନ ହୋଇଥିଲା । ପରିଷଦର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ଅନ୍ତେବାସୀ ପିଲାଙ୍କୁ ରାଖୀ ବାନ୍ଧିଥିଲେ।

ସେହିପରି ଗାନ୍ଧୀ ପବ୍ଲିକ ସ୍କୁଲରେ ମଧ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ, ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼. ଜଗଦୀଶ ପଣ୍ଡା ଏହି ପବିତ୍ର ଦିବସ ଆମ ଓଡ଼ିଶାର ଘରେ ଘରେ ଗହ୍ମା ପୂର୍ଣ୍ଣିମା ସହିତ ଗୋମାତା ପୂଜନ କରାଯାଏ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ। ସେହିପରି ଚିନାସାରୀ ପଞ୍ଚାୟତ ଗାଡ଼ିଆବାଙ୍ଗ ଗ୍ରାମରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଭଉଣୀଙ୍କୁ ନେଇ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଉପ ସଭାପତି ଉଦୟ ନାଥ ପାଢ଼ୀ, ଜଗନ୍ନାଥପୁର ମଣ୍ଡଳ ସଭାପତି ଦିଲୀପ କୁମାର ଦାସ, ଯୁବନେତା ଜଗଦୀଶ ପଣ୍ଡା, କୀର୍ତ୍ତି କୁମାର ପଣ୍ଡା, ଶାନ୍ତନୁ ପାଣିଗ୍ରାହୀ, ଲେମନ୍ତି ଶବର, ଡାନୀୟଲ ଶବର ଏବଂ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।


ଅନ୍ତେବାସୀ ପିଲାଙ୍କୁ ପରିଷଦର କାର୍ଯ୍ୟକର୍ତ୍ତା ରାଖୀ ବାନ୍ଧୁଛନ୍ତି।

# ରାଖୀ ବାନ୍ଧିବା ଅଧୁରା ରହିଲା:ଦୁର୍ଘଟଣାରେ ଭାଇ ଗୁରୁତର

**ଦିଗପହଣ୍ଡି/ପାଟପୁର,୧୯।୮**
**(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)**

ଗଞ୍ଜାମ ଜିଲା ଦିଗପହଣ୍ଡି– ଆସିକା ୩୨୬ ନଂ ଜାତୀୟ ରାଜପଥର ସୁମନ୍ତପୁର ଗ୍ରାମ ଛକ ନିକଟରେ ସୋମବାର ବାଇକ ଦୁର୍ଘଟଣାରେ ଛଣମେରି ଗ୍ରାମର ଚନ୍ଦନ ପ୍ରଧାନ ଗୁରୁତର ଆହାତ ହୋଇଛନ୍ତି। ସେ ତାଙ୍କ ସାନ ଭଉଣୀ ସୋନାଲିଙ୍କୁ ନେଇ ପାଟପୁର ଗ୍ରାମରେ ରହୁଥିବା ବଡ଼ ଭଉଣୀ ହାତରୁ ରାକ୍ଷୀ ବାନ୍ଧିବା ନିମନ୍ତେ ଯାଉଥିଲେ। ସୁମନ୍ତପୁର ଗ୍ରାମର ଜଣେ ବୃଦ୍ଧ ହଠାତ ବାଇକ ସାମ୍ନାକୁ ଚାଲି ଅରସିବାରୁ ସେ ନିୟନ୍ତ୍ରଣ ହରାଇ ତାଙ୍କୁ ଧକ୍କା ଦେଇ ରାସ୍ତା ଉପରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଆହାତଙ୍କୁ ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ଫରେଷ୍ଟରଙ୍କ ବାଇକ୍ ଜାଳିଦେଲେ ଦୁର୍ବୃତ୍ତ

**ଟିକିରି, ୧୯।୮ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା ଟିକିରି ବନାଞ୍ଚଳ ଅନ୍ତର୍ଗତ ଶଙ୍କରଡ଼ା ଫରେଷ୍ଟରଙ୍କ ବାଇକ୍‌କୁ ଗତ ରବିବାର ରାତିରେ କେହି ଜଣେ ଦୁର୍ବୃତ୍ତ ପେଟ୍ରୋଲ ଢାଳି ଜାଳି ଦେଇଥିବା ଟିକିରି ଥାନାରେ ଏତଲା ହୋଇଛି । ସୋମବାର ସକାଳେ ଟିକିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜଳିଯାଇଥିବା ବାଇକ୍ ନିକଟରେ ଏକ ଖାଲି ପେଟ୍ରୋଲ ବୋତଲ ପଡ଼ିଥିବାରୁ ବାଇକ୍ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ପୋଲିସ ସନ୍ଦେହ ହେଉଛି । ଫରେଷ୍ଟର ଗୌତମ କୁମାର ପଣ୍ଡା ତାଙ୍କ ପୁଅ ସହ ଶଙ୍କରଡ଼ାସ୍ଥିତ ସରକାରୀ କ୍ୱାର୍ଟରରେ ରହୁଛନ୍ତି। ସବୁଦିନ ଭଳି ରବିବାର ରାତିରେ କ୍ୟାମ୍ପସରେ ବାଇକ ରଖି ଶୋଇ ଯାଇଥିଲେ । ରାତି ଅଧରେ ଜୋରରେ ଆବାଜ ହେବାରୁ ବାପାପୁଅ ନିଦରୁ ଉଠିଥିଲେ। କିନ୍ତୁ କବାଟର ବାହାର ପଟୁ ବନ୍ଦ ଥିବାରୁ ହଠାତ ପଦାକୁ ବାହାରି ପାରି ନ ଥିଲେ । କୌଣସି ମତେ କବାଟ ଖୋଲି ବାହାରକୁ ଆସି ଦେଖିଲା ବେଳକୁ ବାଇକ୍ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଗତ ଦିନରେ ବିଭାଗ ପକ୍ଷରୁ କାଠ ଚୋର, ମାଙ୍ଗାନିଜ ଖଣିଜ ଚୋରି ଭଳି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଫଳରେ ମାଫିଆମାନେ ଆକ୍ରୋଶ ଭାବେ ଏଭଳି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି ।

# ଶ୍ରଦ୍ଧାଞ୍ଜଳି ସଭା, ଚାରାରୋପଣ

**ଉମରକୋଟ, ୧୯।୮ (ସନ୍ତୋଷ ଶତପଥୀ)**

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ନିବାସୀ ତଥା ଅବିଭକ୍ତ କୋରାପୁଟ ଜିଲାର ବିଶିଷ୍ଟ କବି ବଳରାମ ପୂଜାରୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଫକୀରମୋହନ ପଠନଶାଳା ପକ୍ଷରୁ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅଧୀନ ଚିକଲପଦର ପଞ୍ଚାୟତ ପରିସରରେ କରାଯାଇଛି। ଅନୁଷ୍ଠାନ ସମ୍ପାଦକ ପ୍ରଫୁଲ୍ଲ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଲେଖକ ଡ. ସୁରେନ୍ଦ୍ର ନାଥ ଦାଶ ମୁଖ୍ୟ ଅତିଥି, ବରିଷ୍ଠ ଆଇନଜୀବୀ ତଥା ଅନୁଷ୍ଠାନ ଉପଦେଷ୍ଟା ଶ୍ରୀନିବାସ ପଟ୍ଟନାୟକ ଏବଂ ଏବିଇଓ ଦେବେନ୍ଦ୍ର କୁମାର ବାଗ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ସ୍ୱର୍ଗତ ପୂଜାରୀଙ୍କ ସାହିତ୍ୟିକ ଜୀବନୀ ଉପରେ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିହର ଶତପଥୀ, ସାଗର ପରିଡ଼ା, ବିବେକାନନ୍ଦ ପଟ୍ଟନାୟକ, ରାଜକିଶୋର ନାୟକ, ଅନନ୍ତ ସାହୁ, ପ୍ରକାଶ ଚନ୍ଦ୍ର ବେହେରାଙ୍କ ସମେତ ଚିକଲପଦର ଗ୍ରାମବାସୀ, ବିଦ୍ୟାଳୟ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସ୍ୱର୍ଗତ ପୂଜାରୀଙ୍କ ସ୍ମୃତିରେ ଅତିଥିମାନେ ବିଭିନ୍ନ ପ୍ରକାର ଔଷଧୀୟ ଚାରା ରୋପଣ କରିଥିଲେ। ଫକୀରମୋହନ ପାଠଶାଳା ପକ୍ଷରୁ 'ଆସନ୍ତା କାଲି ପାଇଁ ଗଛଟିଏ ଓ ପରିବେଶ ବଞ୍ଚିଲେ ଆମେ ବଞ୍ଚିବା' ଆଦି ସ୍ଲୋଗାନ ଦିଆଯାଇଛି। ଜୁଲାଇ ୧୫ରୁ ଏବେ ଯାଏ ଚଡ଼େଇଗୁଡ଼ା, ଢେପଗୁଡ଼ା, କେନାଲ ସାହି ବିଦ୍ୟାଳୟ, ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ସମେତ ରାଇଘର ହାଣ୍ଡିଖୋଦରା ଭଳି ବିଭିନ୍ନ ସ୍ଥାନରେ ଅନେକ ଔଷଧୀୟ ଚାରା ଲଗାଯାଇଛି।


ଅତିଥିମାନେ ସାହିତ୍ୟିକ ବଳରାମ ପୂଜାରୀଙ୍କ ସ୍ମୃତିଚାରଣ କରୁଛନ୍ତି।

# ଟେଣ୍ଡର ହୋଇ ବର୍ଷେ ବିତିଲା, ହେଉନି ରାସ୍ତା ନିର୍ମାଣ

**ନବରଙ୍ଗପୁର,୧୯।୮ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ସହରରେ ସାହି ଗଳି ରାସ୍ତା ଏବେ ଗ୍ରାମୀଣ ରାସ୍ତା ସଦୃଶ ହୋଇପଡ଼ିଛି। ସହରର ବଡ଼ ୱାର୍ଡ ଭାବେ ପରିଚିତ ଭାଟିଶାଳଗୁଡ଼ା ସାହିର ମୁଖ୍ୟରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇ ବର୍ଷେ ବିତିଲାଣି, ହେଲେ ଆରମ୍ଭ ହେଉନାହିଁ ନିର୍ମାଣ କାମ।

ନବରଙ୍ଗପୁର ପୌରାଞ୍ଚଳର ୧୬ ନମ୍ବର ୱାର୍ଡ ଭାଟିଶାଳଗୁଡ଼ା ସାହିର ମୁଖ୍ୟରାସ୍ତା ଓ ଡ୍ରେନ୍ ନିର୍ମାଣ ପାଇଁ ଟେଣ୍ଡର ହେଲା । ଠିକାଦାର କାମ ପାଇଲେ। ହେଲେ ୭୦୦ ମିଟର ଡ୍ରେନ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣକରି ଚୁପ୍ ରହିଗଲେ। ଆଉ ରାସ୍ତା କାମ କଲେ ନାହିଁ। ଏବେ ଏହି ରାସ୍ତାରେ ବଡ଼ ବଡ଼ ଖାଲ ସହ ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି ଜମୁଛି । ଫଳରେ ବର୍ଷା ହେଲେ ଲୋକେ ବାହାରକୁ ସାଇକେଲ, ଗାଡ଼ି ମଟର ନେଇ ଯିବା ଆସିବା କରିବା କଷ୍ଟକର ହୋଇପଡୁଛି। ରାସ୍ତାରେ ପାଣି ଜମି ରହୁଥିବାରୁ ପାଣି ଜମିବା ସ୍ଥାନରେ କେତେ ଗାତ ରହିଛି ତାହା ଜଣାପଡୁନାହିଁ। ଫଳରେ ଲୋକେ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଉକ୍ତ ଖାଲଖମା ରାସ୍ତା ଦେଇ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯିବାଆସିବା କରିବା ମଧ କଷ୍ଟସାଧ ହେଉଛି । ସ୍ଥାନୀୟ ଲୋକେ ରାସ୍ତା ନିର୍ମାଣ ପାଇଁ ଦାବି କରିଆସୁଥିଲେ ମଧ ଏଥିପ୍ରତି ପ୍ରୌର ପ୍ରଶାସନର ନିଘା ନାହିଁ। ଭାଟିଶାଳଗୁଡ଼ାର ଏହି ରାସ୍ତା ସହରରେ ଥାଇ ମଧ ଏବେ ଗ୍ରାମୀଣ ରାସ୍ତା ଭଳି ହୋଇଯାଇଛି । ଏ ନେଇ କାଉନସିଲର ଅମିତ ପ୍ରଧାନଙ୍କୁ ପଚାରିବାରୁ ରାସ୍ତା ମଝିରେ ଜଣେ ବ୍ୟକ୍ତିଙ୍କ ଜାଗା ରହିଥିବା ଅଭିଯୋଗ ପରେ ଠିକାଦାର କାମ ବନ୍ଦ କରିଛନ୍ତି । ଜମି ଚିହ୍ନଟ କରିଦେଲେ କାମ କରିବେ ବୋଲି କହୁଥିବା ସେ କହିଛନ୍ତି । ଏ ନେଇ କନିଷ୍ଠ ଯନ୍ତ୍ରୀ ବିଶ୍ୱପ୍ରିୟ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ପାଇଁ ଟେଣ୍ଡର ପରେ ଡ୍ରେନ୍ କାମ ସରିଛି । ୭୦୦ ମିଟର ପିଚୁ ରାସ୍ତା ନିର୍ମାଣ ହେବ। ରାସ୍ତା ମଝିରେ ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଜାଗା ରହିଥିବା ଦାବି କରିବାରୁ ଠିକାଦାର କାମ ବନ୍ଦ ରଖିଛନ୍ତି । ୨୦୨୩ ଜୁନ୍ ୧୩ ଓ ୧୬ ତାରିଖରେ ତହସିଲଦାରଙ୍କୁ ଜମି ଚିହ୍ନଟ ପାଇଁ ଚିଠି କରାଯାଇ ମାପଚୁପ କରିବାକୁ କୁହାଯାଇଛି । ତହସିଲ ଓ ରାଜସ୍ୱ ନିରୀକ୍ଷକ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଜମି ମାପଚୁପ ହୋଇପାରିନାହିଁ। ପୁଣି ତହସିଲଦାରଙ୍କୁ ଅନୁରୋଧ କରାଯିବ। ଜମି ଚିହ୍ନଟ ପରେ ଠିକାଦାର କାମ ଆରମ୍ଭ କରିବେ ବୋଲି ସେ କହିଛନ୍ତି । ଏ ନେଇ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କୁ ପଚରିବାରୁ ତାଙ୍କ ନିକଟକୁ ଏ ନେଇ ଅଭିଯୋଗ ଆସିନାହିଁ । ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।


ଶୋଚନୀୟ ହୋଇ ପଡିଥିବା ୧୬ ନମ୍ବର ୱାର୍ଡ ଭାଟିଶାଳଗୁଡ଼ା ସାହିର ମୁଖ୍ୟରାସ୍ତା ।

## ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ଚିକିତ୍ସକ ସମ୍ମିଳନୀ

### ଆୟୁର୍ବେଦ କେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ନେଇ ଆଲୋଚନା

ଜୟପୁର,୧୯।୮ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ସ୍ଥାନୀୟ ଏକ ହୋଟେଲ ସଭାଗୃହରେ ଶନିବାର ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦ ଓ ଖଣ୍ଡୁ ଫାର୍ମାସିର ମିଳିତ ଆନୁକୂଲ୍ୟରେ ଏକ ଚିକିତ୍ସକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀନ ପରମ୍ପରା ସହ ଜଡ଼ିତ ଆୟୁର୍ବେଦ ଚିକିତ୍ସା ପଦ୍ଧତିର ପ୍ରଚାରପ୍ରସାର ଓ ବିକାଶ ନେଇ ପଦକ୍ଷେପ ନେବା ଉକ୍ତ ସମ୍ମିଳନୀର ଲକ୍ଷ୍ୟ। ସମ୍ପାଦକ କବିରାଜ ପରମେଶ୍ୱର ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ସମ୍ମିଳନୀରେ ୨୧ ଜଣ ଚିକିତ୍ସକଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟପୁରରେ ଏକ ଆୟୁର୍ବେଦ ମହାବିଦ୍ୟାଳୟ ସ୍ଥାପନ ଲାଗି ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଦୃଷ୍ଟି ଆକର୍ଷଣ କରିବା, ସ୍ଥାନୀୟ ଅଞ୍ଚଳରେ ଥିବା ସରକାରୀ ଆୟୁର୍ବେଦ କେନ୍ଦ୍ରଗୁଡ଼ିକରେ ସ୍ଥାୟୀ ଡାକ୍ତର ନିଯୁକ୍ତି ନେଇ ଆଲୋଚନା ହୋଇଥିଲା। ନିକଟରେ ମାଗଣା ଆୟୁର୍ବେଦ ଚିକିତ୍ସା ଶିବିର କରିବାକୁ ନିଷ୍ପତ୍ତି ହୋଇଥିଲା। କବିରାଜ ଦେବ ବାଘ, ବୈଦ୍ୟ ନିରଞ୍ଜନ ଜେନା, ଡା. ମନୋଜ ବିଶ୍ୱାଳ, ଡା. କଲ୍ୟାଣୀ ରାୟ, ଡା. ନାଥ ବାବୁ, ଶ୍ରୀନିବାସ ପାତ୍ର, ରାମଚନ୍ଦ୍ର ଦାସ, ସୌମ୍ୟ ବେହେରା, ସୁଧୀର ରାଉତ, ମନୋଜ ବ୍ରହ୍ମା, ଜବୁଦାର ଜେନା, ତ୍ରିପତି ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାଖୀ ବାନ୍ଧି ଭାଇଙ୍କ ଦୀର୍ଘଜୀବନ କାମନା କଲେ ଭଉଣୀ

### ଜୟପୁର କୋରାପୁଟ କାରାଗାରରେ ରକ୍ଷାବନ୍ଧନ ଉତ୍ସବ

କୋରାପୁଟ/ଜୟପୁର,୧୯।୮ (ଅମିତାଭ ବେହେରା/ପବନ ପାଣିଗ୍ରାହୀ)


କୋରାପୁଟ ମଣ୍ଡଳ କାରାଗାରରେ ଜଣେ ଅନ୍ତେବାସୀଙ୍କ ହାତରେ ତାଙ୍କ ଭଉଣୀ ରାଖୀ ବାନ୍ଧୁଛନ୍ତି।

ଭାଇ ଭଉଣୀଙ୍କ ସ୍ନେହରର ବନ୍ଧନ ହେଉଛି ରକ୍ଷା ବନ୍ଧନ । ଭଉଣୀମାନେ ଭାଇଙ୍କ ଦୀର୍ଘାୟୁ କାମନା କରି ହାତରେ ରାଖୀ ବାନ୍ଧି ଦେଇଥାନ୍ତି। ଭାଇ ମଧ୍ୟ ଭଉଣୀର ସୁରକ୍ଷା ପାଇଁ ବଚନ ଦେଇଥାଏ । ଏହି ପବିତ୍ର ଉତ୍ସବ ସୋମବାର କୋରାପୁଟ ସହରର ମଣ୍ଡଳ କାରାଗାର ସମେତ ବିଭିନ୍ନ ଶିକ୍ଷା ଅନୁଷ୍ଠାନଗୁଡିକରେ ପାଳିତ ହୋଇଛି । କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟର ଛାତ୍ରଛାତ୍ରୀ କୋରାପୁଟ ମଣ୍ଡଳକାରାଗାର ଯାଇ ଅନ୍ତେବାସୀମାନଙ୍କୁ ତିଳକ ଚନ୍ଦନ ଲଗାଇବା ସହ ରାଖୀ ବାନ୍ଧିଥିଲେ। ସେହିପରି କୋରାପୁଟ ମଣ୍ଡଳ କାରାଗାରଠାରେ ଆୟୋଜିତ ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ଈଶ୍ୱରୀୟ ବ୍ରହ୍ମାକୁମାରୀମାନେ ଜେଲର କଳାଚେନ୍ଦୁ ଭୂଷଣ ଦାସଙ୍କ ସମେତ ଜେଲର ସମସ୍ତ କର୍ମଚାରୀ ଓ ଅନ୍ତେବାସୀଙ୍କୁ ରାଖୀ ବାନ୍ଧିଥିଲେ । ସେହିପରି ଜେଲରେ ବନ୍ଦୀଜୀବନ ବିତାଉଥିବା ଅନ୍ତେବାସୀଙ୍କୁ ସେମାନଙ୍କ ଭଉଣୀମାନେ ଜେଲ ପରିସରକୁ ଆସି ରାଖୀ ବାନ୍ଧି ଦେଇ ସେମାନଙ୍କ କୁଶଳ କାମନା କରିଥିଲେ। ସେମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା। ସେହିପରି କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ବନ୍ଧୁଗାଁ ଥାନାକୁ ଯାଇ ଥାନା ଅଧିକାରୀ ପ୍ରସନ୍ନ କୁମାର ମିଶ୍ରଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀଙ୍କୁ ରାଖୀ ବାନ୍ଧି ନିଜର ଓ ଅଞ୍ଚଳର ସୁରକ୍ଷା କାମନା କରିଥିଲେ।

ସେହିପରି ଜୟପୁର ସ୍ୱତନ୍ତ୍ର କାରାଗାରରେ ବିଭିନ୍ନ ମାମଲାରେ ବିଚାରାଧୀନ ବନ୍ଦୀ ଭାବେ ଜେଲରେ ଥିବା ଭାଇମାନଙ୍କୁ ସେମାନଙ୍କ ଭଉଣୀମାନେ ଆଜିର ପବିତ୍ର ଦିନରେ କାରାଗାରରେ ପହଞ୍ଚି ରାଖୀ ବାନ୍ଧିଛନ୍ତି । ଏନେଇ କାରାଗାର ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଭଉଣୀମାନେ ଆଣିଥିବା ମିଠା ଖୁଆଇ ଭାଇମାନଙ୍କୁ ରାଖୀ ବାନ୍ଧିଥିଲେ। ସ୍ୱତନ୍ତ୍ର କାରାଗାରରେ ଥିବା ୩୬ ଜଣ ବିଚାରାଧୀନ ବନ୍ଦୀଙ୍କୁ ସେମାନଙ୍କ ଭଉଣୀମାନେ ଆସି ରାଖୀ ବାନ୍ଧିଥିବା ଜେଲର ଉମା ଶଙ୍କର ମାଝୀ କହିଛନ୍ତି ।

## ଶିଶୁ କନ୍ୟା ଜନ୍ମ ଦେଲେ ନାବାଳିକା

ଦଶମନ୍ତପୁର, ୧୯।୮ (ଅରବିନ୍ଦ ନାୟକ)

ପରିବାର ଲୋକଙ୍କ ଅଜାଣତରେ ଜଣେ ନାବାଳିକା ରବିବାର ଡାକ୍ତରଖାନାରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିବା ଭଳି ଅଭାବନୀୟ ଘଟଣା କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ବ୍ଲକର ଚିକାମ୍ବ ପଞ୍ଚାୟତ ଅଞ୍ଚଳର ଏକ ଗ୍ରାମର ସମ୍ପୃକ୍ତା ନାବାଳିକା (୧୭) ଜଣକ ୯ମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କ ଘରକୁ ମାମୁଘର ଗ୍ରାମରୁ ମାମୁଙ୍କ ପୁଅ ପ୍ରତ୍ୟେକ ଦିନ ଆସୁଥିଲେ। ଏହି ଯାତାୟାତ ଭିତରେ ସମ୍ପୃକ୍ତ ମାମୁପୁଅଙ୍କ ସହ ନାବାଳିକାଙ୍କ ଶାରୀରିକ ସମ୍ପର୍କ ଗଢି ଉଠିଥିଲା। ଫଳରେ ସେ ଗର୍ଭବତୀ ହୋଇଥିଲେ। ଗର୍ଭଯନ୍ତ୍ରଣା ଆରମ୍ଭ ହେବାରୁ ପରିବାର ଲୋକେ ତାଙ୍କୁ ନେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେ ଡାକ୍ତରଖାନାରେ ଶିଶୁକନ୍ୟା ଜନ୍ମ ଦେଇଛନ୍ତି। ଘଟଣା ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କଠାରୁ ସୂଚନା ପାଇ ଦଶମନ୍ତପୁର ଥାନା ଅଧିକାରୀ ସୁକୁମା ହାଁସଦା ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଏବେ ସମ୍ପୃକ୍ତ ମାମୁପୁଅ ତାଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କରିବାକୁ ମନା କରି ଦେଇଛନ୍ତି। ମୋତେ ନ୍ୟାୟ ନ ମିଳିଲେ ଆମେ କୋର୍ଟର ଆଶ୍ରୟ ନେବୁ ବୋଲି ସମ୍ପୃକ୍ତା ନାବାଳିକା ଜଣକ କହିଛନ୍ତି।

## ବିଭିନ୍ନ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ


ଜୟପୁର ଜଗନ୍ନାଥ ମନ୍ଦିର ଓ ବଲ୍ଲଭନାରାୟଣ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ।

ଜୟପୁର, ୧୯।୮ (ପବନ ପାଣିଗ୍ରାହୀ)

ଜୟପୁରରେ ରକ୍ଷା ବନ୍ଧନ ଉତ୍ସବ ଆନନ୍ଦଉଲ୍ଲାସର ସହ ପାଳିତ ହୋଇଛି। ଜୟପରର ପ୍ରସିଦ୍ଧ ଉତ୍ତରମୁଖୀ ବଲ୍ଲଭ ନାରାୟଣ, ଜଗନ୍ନାଥ, ବଳଭଦ୍ରଙ୍କୁ ରାଖୀ ବନ୍ଧାଯାଇଥିବା ବେଳେ ଗୀତା ଭବନରେ ଶ୍ରୀ କୃଷ୍ଣଙ୍କୁ ରାଖୀ ବାନ୍ଧି ପୂଜାପାଠ କରାଯାଇଥିବା ଦେଖିବାକୁ ମିଳିଛି। ଜଗନ୍ନାଥ ମନ୍ଦିରରରେ ବଳଭଦ୍ରଙ୍କ ଜନ୍ମ ଉତ୍ସବ ପାଳନ ସହ ରକ୍ଷା ବନ୍ଧନ ଉତ୍ସବ ପାଳନ ହୋଇଛି । ସେହିପରି କଣ୍ଡରାସାହି ସ୍ଥିତ ଲକ୍ଷ୍ମୀ ନୃସିଂହ ମନ୍ଦିରରେ ମଧ୍ୟ ରକ୍ଷା ବନ୍ଧନ ନୀତି ସମ୍ପନ୍ନ ହୋଇଛି।

## ଅବାଧରେ ସହରରେ ବଢ଼ିଚାଲିଛି ନିଶା କାରବାର

### ୭ ଟଙ୍କାର ଇଞ୍ଜେକ୍ସନ ବିକ୍ରି ହେଉଛି ୧୦୦ ଟଙ୍କାରେ

ସୁନାବେଡା,ସେମିଳିଗୁଡା,୧୯।୮ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଦିନକୁ ଦିନ ଉଭୟ କୋରାପୁଟ ଜିଲାର ସେମିଳିଗୁଡା ଓ ସୁନାବେଡା ସହରରେ ନିଶା କାରବାର ବଢ଼ି ଚାଲିଥିବା ଅଭିଯୋଗ ହେଉଛି। ମଦ ଗଞ୍ଜେଇ ସହ ବିଭିନ୍ନ ପ୍ରକାରର ନିଶା ଇଞ୍ଜେକ୍ସସନ ବ୍ୟବହାର ହେଉଥିବା ଚର୍ଚ୍ଚା ହେଉଛି। ଏଭଳି ଇଞ୍ଜେକ୍ସନ (ପେଣ୍ଟଜୋସିନ ଲାକଟେଟ) ଏହି ଇଞ୍ଜେକ୍ସନ ସହରର କେତେକ ଔଷଧ ଦୋକାନ ରେ ଉପଲବ୍ଧ ହେଉଥିବା ଦେଖିବାକୁ ମିଳୁଛି। ଏସବୁ ଇଞ୍ଜେକ୍ସନ ବ୍ୟବହାର କରୁଥିବା ବ୍ୟକ୍ତି ବିଶେଷ ସେମିଳିଗୁଡା ଅଞ୍ଚଳର ଗ୍ୟାସ ଅଫିସ ପଛପଟ ରାସ୍ତା, ଓସିସି ନଗର ସ୍କୁଲ ପଛପାଖ, ବିଲେଇଗୁଡା ମେଡ଼ିକାଲ ପାଖ ପାହାଡ଼, ଫରେଷ୍ଟ ଅଫିସ ପଛପଟ ରାସ୍ତା, ମିନାରାଓ କ୍ୟାମ୍ପ ରାସ୍ତା, ପାଣି ଟ୍ୟାଙ୍କି ରାସ୍ତା ଆଦି ଅଞ୍ଚଳରେ ପହଞ୍ଚି ବ୍ୟବହାର କରୁଥିବା ଜଣାପଡିଛି। ସେହିପରି ସୁନାବେଡା ହାଉସିଂ ବୋର୍ଡ ପଡିଆ, ବସଷ୍ଟାଣ୍ଡ ପଛପଟ ପାର୍କ, ଟେଲିଫୋନ ଭବନ ଯିବା ରାସ୍ତା, ଫିଲ୍ମ ହଲ ଯିବା ରାସ୍ତାର ବିଭିନ୍ନ ସ୍ଥାନରେ ଏମାନଙ୍କ ଆଡ୍ଡା ଜମୁଛି। ଏହି ନିଶା ଇଞ୍ଜେକ୍ସନଗୁଡିକ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଗାଡରେ ଉଭୟ ସହରାଞ୍ଚଳକୁ ଆସୁଛି। ଏହାର ବଜାର ଦର ୭ ଟଙ୍କା ରହିଥିବା ବେଳେ ସେଗୁଡିକୁ ୮୦ରୁ୧୦୦ ଟଙ୍କାରେ ବିକ୍ରି କରି ବ୍ୟବସାୟୀମାନେ ପଚୁର ଲାଭ ଉଠାଉଛନ୍ତି। ଏସବୁ ଇଞ୍ଜେକ୍ସନକୁ ଖୋଲା ବଜାରରେ ବିନା ପ୍ରେସକ୍ରିପସନ୍‌ରେ କିପରି ବିକ୍ରି ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉଭୟ ସହରରେ ଡ୍ରଗ ଇନ୍ସପେକ୍ଟରଙ୍କ ତନଖି ହେଉ ନ ଥିବା ଯୋଗୁ ଏହି ନିଶା କାରବାର ବଢି ଚାଲିଥିବା ଲୋକେ ଅଭିଯୋଗ କରିଛନ୍ତି । ଏଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି । କେତେ ଜଣ ବିଶେଷଜ୍ଞଙ୍କ ମତରେ ଏହି ଇଞ୍ଜେକ୍ସନ ଗୁରୁତର ଆଘାତପ୍ରାପ୍ତ ବ୍ୟକ୍ତିଙ୍କ ଉପଶମ ପାଇଁ ବ୍ୟବହାର କରାଯାଏ । ଇଞ୍ଜେକ୍ସନ ଅଧିକ ମାତ୍ରାରେ ବ୍ୟବହାର କଲେ ହାର୍ଟ ଉପରେ ପ୍ରଭାବ ପଡେ। କିଡନି ମଧ୍ୟ ଖରାପ ଆଶଙ୍କା ରହିଛି । ଏ ସମ୍ପର୍କରେ ଡ୍ରଗ ଇନ୍ସପେକ୍ଟର ଚିନ୍ମୟ ଜେନାଙ୍କୁ ପଚାରିବାରୁ ସେ କହିଲେ, ଏହି ଇଞ୍ଜେକ୍ସସନ ବିନା ପ୍ରେସକ୍ରିପସନରେ କାହାକୁ ପ୍ରଦାନ କରାଯାଏ ନାହିଁ। ତା'ଛଡା ଦୋକାନ ସେଲରରେ ସେମିତି କିଛି ଆମ ନଜରକୁ ଆସିନାହିଁ। ୨୦୨୦ ଓ ୨୦୨୧ରେ ପୋଲିସ ଓ ଡ୍ରଗ ବିଭାଗ ମିଳିତ ଚଢାଉ କରି ଦୁଇଟି ମାମଲା ରୁଜୁ ହୋଇଥିବା ସେ କହିଥିଲେ। ଯଦି କୌଣସି ଦୋକାନୀ ବିନା ପ୍ରେସକ୍ରିପସନରେ ଏପରି ଇଞ୍ଜେକ୍ସନ ବିକ୍ରି କରୁଥିବା ନଜରକୁ ଆସେ ତେବେ ନିଶ୍ଚିତ ରୂପେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜେନା କହିଛନ୍ତି । ଏନେଇ ସୁନାବେଡା ଏସଡିପିଓ ମନୋବ୍ରତା ଶତପଥୀଙ୍କୁ ପଚାରିବାରୁ ସେ କହିଲେ, ଏପରି କୌଣସି ଅଭିଯୋଗ ଆସିନାହିଁ। ତଥାପି ଏନେଇ ଯାଞ୍ଚ କରି ଏପରି ବେଆଇନ କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂସ୍କୃତ ସପ୍ତାହ ମହୋତ୍ସବ ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

କୋରାପୁଟ,୧୯।୮ (ଅମିତାଭ ବେହେରା)

କୋରାପୁଟ ଜିଲା ସୁନାବେଡାସ୍ଥିତ କ୍ୟାମ୍ପସରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସଂସ୍କୃତ ସପ୍ତାହ ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି। ସଂସ୍କୃତ ବିଭାଗ ପକ୍ଷରୁ ଆୟୋଜିତ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କ ପାଇଁ ସଂସ୍କୃତରେ ଶ୍ଳୋକ ପାଠ, ପ୍ରବନ୍ଧ ଲେଖା, ବକ୍ତୃତା, ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ଭାଷା ସମୂହ ସ୍କୁଲର ଡିନ୍ ତଥା ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ନରସିଂହ ଚରଣ ପଣ୍ଡା କହିଥିଲେ, ସଂସ୍କୃତ ହେଉଛି ଦେବତାଙ୍କ ଭାଷା। ଏହାକୁ ଏକ ସାଧାରଣ ଭାଷାରେ ପରିଣତ କରିବା ପାଇଁ ପ୍ରୟାସ କରାଯିବା ଦରକାର। ସେ ସମସ୍ତଙ୍କୁ ସଂସ୍କୃତ ବାର୍ତ୍ତାଳାପରେ ସାମିଲ ହେବାକୁ ଅନୁରୋଧ କରି ଆମ ଜୀବନରେ ସଂସ୍କୃତର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଡ. ସଞ୍ଜୀବ ସରକାର, ଡ. ନବୀନ ପ୍ରଧାନ, ଡ. ଦେବାଶିଷ କର୍ମାକର, ଡ. ବୀରେନ୍ଦ୍ର ଷଡ଼ଙ୍ଗୀ ଓ ସତ୍ୟବ୍ରତ ମିଶ୍ରଙ୍କ ସମେତ ବିଭାଗୀୟ ଅଧ୍ୟାପକମାନେ ସହଯୋଗ କରିଥିଲେ। ଏହି ଅବସରରେ ବିଭାଗୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶ୍ଳୋକ ପାଠ ପ୍ରତିଯୋଗିତା ହୋଇଥିଲା ବୋଲି ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କହିଛନ୍ତି ।

## ଦାମନଯୋଡ଼ିରେ ରକ୍ଷାବନ୍ଧନ ସହ ଶ୍ରୀବଳଭଦ୍ରଙ୍କ ଜନ୍ମୋତ୍ସବ ପାଳିତ

ଦାମନଯୋଡ଼ି,୧୯।୮ (ମାନସ ରଞ୍ଜନ କର)

ଦାମନଯୋଡ଼ିରେ ପବିତ୍ର ରକ୍ଷାବନ୍ଧନ ଓ ଶ୍ରୀବଳଭଦ୍ରଙ୍କ ଜନ୍ମୋତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଭଉଣୀମାନେ ଭାଇମାନଙ୍କୁ ରାକ୍ଷୀ ବାନ୍ଧିବା ସହିତ ମିଷ୍ଟାନ୍ନ ଖୁଆଇଥିଲେ। ଶ୍ରୀବଳଭଦ୍ରଙ୍କ ଜନ୍ମୋତ୍ସବ ପାଇଁ ନାଲ୍‌କୋ ଟାଉନଶିପ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ହୋଇଥିଲା। ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ନିକଟରେ ଷୋଡ଼ଶ ଉପଚାର ପୂଜା, ହୋମ ଆଦି କରାଯାଇଥିଲା। ପୂଜକ ବିଜୟ ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସୁଶାନ୍ତ ଦାଶ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବହୁ ଶ୍ରଦ୍ଧାଳୁ ଶ୍ରୀଜୀଉମାନଙ୍କୁ ଦର୍ଶନ କରିବା ସହିତ ରାଖୀ ପ୍ରଦାନ ଓ ଭୋଗଲାଗି କରିଥିଲେ। ଗତ ୧୪ ତାରିଖ ଶ୍ରାବଣ ଶୁକ୍ଳ ଦଶମୀଠାରୁ ଚାଲୁ ରହିଥିବା ଶ୍ରୀରାଧାକୃଷ୍ଣଙ୍କ ଝୁଲଣ ଯାତ୍ରା ଆଜି ଉଦ୍‌ଯାପିତ ହୋଇଛି। ରକ୍ଷାବନ୍ଧନ ପାଇଁ ଦାମନଯୋଡିର ମାଥାଲପୁଟ, ଭେଜାପୁଟ,ଅଁଳାବାଡି କଲୋନୀ,ସୁରକ୍ଷା ବିହାର, କଳାହାଣ୍ଡି କଲୋନୀ, ଚମ୍ପାପଦର ଓ ମରିଚମାଳ ଆଦି ସ୍ଥାନରେ ଥିବା ବିଭିନ୍ନ ଶୈବପୀଠ ମାନଙ୍କରେ ଶ୍ରାବଣ ଶେଷ ସୋମବାର ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶ୍ରୀରାଧାକୃଷ୍ଣଙ୍କ ମନ୍ଦିର, ତ୍ରିନାଥ ମନ୍ଦିର ଓ ଶ୍ରୀ ଅଭୟ ଆଞ୍ଜେନେୟଙ୍କ ମନ୍ଦିରରେ ମଧ୍ୟ ସ୍ୱତନ୍ତ୍ର ପୂଜାନୀତି ହୋଇଥିଲା। ସେକ୍ଟର-୧ସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରାଜଯୋଗ ଉପ ସେବାକେନ୍ଦ୍ରଠାରେ ମଧ୍ୟ ରକ୍ଷାବନ୍ଧନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା।


ଦାମନଯୋଡ଼ିରେ ରକ୍ଷାବନ୍ଧନ ଓ ଶ୍ରୀବଳଭଦ୍ରଙ୍କ ଜନ୍ମୋତ୍ସବ ଅବସରରେ ହୋଇଥିବା ଠାକୁରଙ୍କ ନୀତି ।

## ବର୍ଷା ପକ୍ଷରୁ ସ୍ୱଭାବ କବି ଗଙ୍ଗାଧରଙ୍କ ଜୟନ୍ତୀ

ଦାମନଯୋଡି,୧୯।୮ (ମାନସ ରଞ୍ଜନ କର)

ଦାମନଯୋଡି ବର୍ଷା ସାହିତ୍ୟ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସୋମବାର ନାଲ୍‌କୋ କମ୍ୟୁନିଟି ସେଣ୍ଟର ଠାରେ ପାଳିତ ହୋଇଯାଇଛି। ଏଥିରେ ନାଲ୍‌କୋ ସମୂହ ମହାପ୍ରବନ୍ଧକ କମଳଲୋଚନ ଜେନା ମୁଖ୍ୟଅତିଥି ରୂପେ ଏବଂ ଜିଜିଏମ ସରୋଜ ନାଥଙ୍କ ସମେତ ଅରୁଣ ମହାନ୍ତି, ସଂସଦ ଉପସଭାପତି ବିଜୟ ଜେନା, ସମ୍ପାଦକ ଶ୍ରୀଧର ପରିଡା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। କବି ଗଙ୍ଗାଧରଙ୍କ ଫଟୋଚିତ୍ରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂସଦର ବରିଷ୍ଠ ସଦସ୍ୟା ସରୋଜିନୀ ତ୍ରିପାଠୀ କବିଙ୍କର 'ମଙ୍ଗଳେ ଅଇଲା ଉଷା' କବିତା ଆବୃତ୍ତି କରିଥିଲେ। ସ୍ୱାତୀ ଚାଟାର୍ଜୀ ଗଙ୍ଗାଧରଙ୍କ ଜୀବନୀ,କବି ପ୍ରତିଭା ଓ ସାରସ୍ୱତ ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବର୍ଷାର ଉପସଭାପତି ବିଜୟ ଜେନାଙ୍କ ରଚିତ 'ଇନ୍ଦ୍ରଧନୁର ସନ୍ଧାନରେ'ପୁସ୍ତକ ଉନ୍ମୋଚନ ହୋଇଥିଲା। ଡ.ଅଶୋକ ମହାନ୍ତି ସଂଯୋଜନା କରିଥିଲା ବେଳେ ବର୍ଷାର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ।

## ଗଙ୍ଗାଧରଙ୍କ କାବ୍ୟକବିତା, ଉପନ୍ୟାସ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

### ସତା ସାହିତ୍ୟ ସଂସଦ ପକ୍ଷରୁ ମେହେର ଜୟନ୍ତୀ

କୋରାପୁଟ,୧୯।୮ (ଅମିତାଭ ବେହେରା)

କୋରାପୁଟ ସତା ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟ ସଭା ଗୃହରେ ସୋମବାର ଗଙ୍ଗାଧର ମେହରଙ୍କ ୧୬୨ ତମ ଜୟନ୍ତୀ ଓ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ସତା ସାହିତ୍ୟ ସଂସଦ ସଭାପତି କବି ଜଳଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସମ୍ପାଦକ ଡ. ଜଗବନ୍ଧୁ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଏହି ଅବସରରେ କବି ଗଙ୍ଗାଧର ମେହେରଙ୍କ ଫଟୋ ଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଉପସ୍ଥିତ ମୁଖ୍ୟବକ୍ତା ଡ. ପ୍ରଦୀପ ମିଶ୍ର, ସମ୍ମାନିତ ଅତିଥି ପଦ୍ମନାଭ ସେଠୀ, ପ୍ରାବନ୍ଧିକ ନାରାୟଣ ପଣ୍ଡା ଗଙ୍ଗାଧରଙ୍କ ରଚିତ କାବ୍ୟକବିତା ଓ ଉପନ୍ୟାସ ଓଡିଆ ସାହିତ୍ୟକୁ ସମୃଦ୍ଧ କରିଛି ବୋଲି ପ୍ରକାଶ କରିଥିଲେ । ପାରମ୍ଭରେ କବି ବଳରାମ ପୂଜାରୀଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଥିଲା । ଉପସ୍ଥିତ ସମସ୍ତ ଅତିଥି ଓ ବୁଦ୍ଧିଜିବୀଙ୍କ ହାତରେ ରାଖୀ ବନ୍ଧାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ରବି ଶତପଥୀ ପରିଚାଳନା କରିଥିଲେ। ସଂସଦ ସମ୍ପାଦକ ଜୟନ୍ତ ମିଶ୍ର, ଅଧ୍ୟାପକ ସୌମେନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ଲେଖକ ଚନ୍ଦ୍ରକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କମିତା ପାଠୋତ୍ସବରେ ଜିଲାର ୪୦ରୁ ଊର୍ଦ୍ଧ୍ୱ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ। ବିଜୟଲକ୍ଷ୍ମୀ ପାଣିଗ୍ରାହୀ ସଂଯୋଜନା କରିଥିବାବେଳେ କବି ସୁଧାଂଶୁ ପଟ୍ଟନାୟକ ସହଯୋଗ କରିଥିଲେ ।

# ମାସେ ଗଲାନି ନିର୍ମାଣ ରାସ୍ତା

### ନିମ୍ନମାନର ରାସ୍ତା ଯୋଗୁ ଲୋକେ ହନ୍ତସନ୍ତ

ସେମିଳିଗୁଡା/ସୁନାବେଡା,୧୯।୮ ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ

ସରକାର ଗ୍ରାମାଞ୍ଚଳର ବିକାଶ ସହ ସାଧାରଣ ଲୋକଙ୍କ ଗମନାଗମନ ସୁବିଧା ନେଇ ଗୁରୁତ୍ୱ ଦେଇ ଆସୁଛନ୍ତି। ବିଭିନ୍ନ ଯୋଜନାରେ ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର ଗମନାଗମନ କ୍ଷେତ୍ରରେ ନିର୍ମିତ ହେଉଥିବା ରାସ୍ତାରୁ ଲୋକେ ଉପକୃତ ହେଉନାହାନ୍ତି। ନିମ୍ନମାନର କାର୍ଯ୍ୟ ହେତୁ ନିର୍ମିତ ରାସ୍ତା ଅଳ୍ପ ଦିନରେ ନଷ୍ଟ ହୋଇଯାଉଛି। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ସେମିଳିଗୁଡା ଅଞ୍ଚଳରେ। ଅଳ୍ପ ଦିନ ତଳେ ସେମିଳିଗୁଡା ବ୍ଲକ ଦୁଧାରୀ ପଞ୍ଚାୟତ ଦୁଧାରୀ ରାସ୍ତାର ବ୍ରିଜ ନିକଟରୁ ବଦଳିଗୁଡା ଓ ଘାଟଗୁଡା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କରାଯାଇଥିଲା। ଏବେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି। ଫଳରେ ଉଭୟ ଗ୍ରାମର ଶତାଧିକ ଲୋକ ଯାତାୟାତରେ ହଇରାଣ ହେଉଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ମାସେ ତଳେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ହୋଇଥିଲା ତେବେ ବିଭାଗ କରିଥିବା କାର୍ଯ୍ୟ ଏତେ ନିମ୍ନ ମାନର ଯେ ଗୋଟିଏ ମାସ ନ ପୂରୁଣୁ ରାସ୍ତାରୁ ପିଚୁ ଉଠିବା ସହ ରାସ୍ତା ସାରା ଖାଲ ହୋଇ ଗଲାଣି। ତେବେ ପୂର୍ବରୁ ଥିବା ମାଟି ରାସ୍ତା ପିଚୁ ରାସ୍ତାଠାରୁ ବହୁତ ଭଲଥିଲା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମନୋମୁଖୀ କାର୍ଯ୍ୟ ପାଇଁ ଏପରି ନିମ୍ନମାନର କାର୍ଯ୍ୟ କରାଯାଇ ଅର୍ଥ ହଡପ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ନିର୍ମିତ ଏହି ରାସ୍ତାର କୌଣସି ସ୍ଥାନରେ ରାସ୍ତାର ବିବରଣୀ ଲଗାଯାଇ ନାହିଁ। ସରକାରଙ୍କ ନିୟମ ମୁତାବକ କାମ ସମୟରେ କାମ ଆରମ୍ଭ ଓ ଶେଷ, ବ୍ୟୟ ଅଟକଳ, ଯୋଜନାର ନାମ ସମ୍ପର୍କରେ ଫଳକ ରହିବା କଥା। ମାତ୍ର ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗାଁ ଲୋକେ ନିମ୍ନ ମାନର କାମକୁ ନେଇ ଠିକା ସଂସ୍ଥାକୁ ସେତେବେଳେ ବିରୋଧ କରିବା ସତ୍ତ୍ୱେ ଗ୍ରାମ ବାସୀଙ୍କ କଥାକୁ ସେ ଶୁଣିନ ଥିଲେ। ଜିଲା ପ୍ରଶାସନ ଏହାର ତଦନ୍ତ କରି ବିଭାଗୀୟ ଅଧିକାରୀ ଓ କାର୍ଯ୍ୟ କରିଥିବା ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଏସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଏସଡିଓ ସୁନିଲ ଦାସଙ୍କୁ ତାଙ୍କ ମୋବାଇଲ ନଂ ୮୦୧୮୫୬୬୮୧୧ରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ। ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅଭିଜିତ ବାରିକଙ୍କୁ ମଧ୍ୟ ତାଙ୍କ ମୋବାଇଲ ନଂ. ୯୪୩୭୨ ୫୫୩୭୨ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଗ୍ରହଣ କରି ନ ଥିଲେ ।


ମାସେ ତଳେ ତିଆରି ହୋଇଥିବା ରାସ୍ତା ଅବସ୍ଥା।

